## ସଂକ୍ଷେପରେ

### ଆନ୍ତଃବିଦ୍ୟାଳୟ ବାଳିକା ଆଥ୍‌ଲେଟିକ ମିଟ୍

**ଭଦ୍ରକ ଅଫିସ, ୨୫।୧:** ଗ୍ରାମାଞ୍ଚଳରେ ଛାତ୍ରୀମାନଙ୍କ ମନରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଦାନୀ ଧାମରା ପୋର୍ଟ ତରଫରୁ ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଛି। ଏହି ପରିପ୍ରେକ୍ଷୀରେ ପୋର୍ଟର ସିଏସ୍‌ଆର୍ ଟିମ୍ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଘଣ୍ଟେଶ୍ୱରସ୍ଥିତ ଅପର୍ତ୍ତି ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତଃ ବିଦ୍ୟାଳୟ ବାଳିକା ଆଥ୍‌ଲେଟିକ ମିଟ୍-୨୦୨୦ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ଓ ଚାନ୍ଦବାଲି ବ୍ଲକର ୮ଟି ସ୍କୁଲର ଶତାଧିକ ଛାତ୍ରୀ ଏଥିରେ ଭାଗ ନେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ୭ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଶାରୀରିକ ଶିକ୍ଷା ଇନ୍ସପେକ୍ଟର ଗଜେନ୍ଦ୍ର ଭାରତୀ ମୁଖ୍ୟଅତିଥି ଏବଂ ଘଣ୍ଟେଶ୍ୱର ଅପର୍ତ୍ତି ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳୀଚରଣ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀ ସମସ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଓ ଆଦାନୀ ଫାଉଣ୍ଡେଶନର ସିଏସ୍‌ଆର୍ ଟିମ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ କରଞ୍ଜି ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ନୃସିଂହ ଚରଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜଳମଣ୍ଡୁଆ ସରପଞ୍ଚ ଜଗବନ୍ଧୁ ଦାସ ସଭାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ପୁରୁଷୋତ୍ତମ ଧଳ, ନାଟ୍ୟକାର ଅରୁଣ ବାରିକ, ହରେକୃଷ୍ଣ ବାରିକ, ଭାସ୍କର ମୁଦୁଲି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ତରୁଣ ଦତ୍ତ, ରବୀନ୍ଦ୍ର ଦାସ, ରଙ୍ଗାଧର ମହାପାତ୍ର ଓ ଖଗେଶ୍ୱର ସୂତାର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ସେନାପତି ଉଦ୍ଦେଶ୍ୟ ଜ୍ଞାପନ ଓ ମୁକ୍ତିକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବିଦାୟୀ ଶିକ୍ଷକ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଖଗେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟରେ ମାତୃ ସମ୍ମିଳନୀ

**ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଶାରଦା ବିଦ୍ୟାମନ୍ଦିରରେ ଶିକ୍ଷୟିତ୍ରୀ ରଶ୍ମିତା ରାଉତଙ୍କ ସଭାପତିତ୍ୱରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ସୁଦେଷ୍ଣା ପାତ୍ର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସୁସ୍ମିତା ସ୍ୱାଇଁ ଓ ସ୍ନେହଲତା ମହାନ୍ତି ନାରୀ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ମା'ମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଆଦର୍ଶ ସମାଜ ଗଠନରେ ନାରୀ ଶିକ୍ଷା ହିଁ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। କୁଞ୍ଜଲତା ସେନାପତି ଅତିଥି ପରିଚୟ ଓ ସୁଜାତା ପାଢ଼ୀ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଗୀତାଞ୍ଜଳି ରାୟ, ଅନ୍ନପୂର୍ଣ୍ଣା ସାମଲ, ସସ୍ମିତା ସାମଲ, କବିତା ଜେନା, ସୌଦାମିନୀ ରାଉତ, ସରସ୍ୱତୀ ନାୟକ, ନିବେଦିତା ସେନାପତି ଓ ସସ୍ମିତା ବେହେରା ପ୍ରମୁଖ ଅଭିଭାବିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦମୟନ୍ତୀ ଦାସ ଧନ୍ୟବାଦ ଦେଇଥିଲେ।

# ସମିତିରେ ତାଲା ପକାଇଲେ ଚାଷୀ

**ବାସୁଦେବପୁର, ୨୫।୧ (ଡି.ଏନ.ଏ.)**


ସମବାୟ ସମିତି ସମ୍ମୁଖରେ ଚାଷୀମାନେ।

- ଟୋକନ କଟିବାରୁ ବିକି ପାରୁନାହାନ୍ତି ଧାନ
- ରାସ୍ତାରୋକୋ ପାଇଁ ଦେଲେ ଚେତାବନୀ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ସେବା ସମବାୟ ସମିତିରେ ଧାନ ବିକ୍ରି କ୍ଷେତ୍ରରେ ଚାଷୀମାନେ ଅସୁବିଧାରେ ପଡ଼ିଥିବାରୁ ଏହାର ପ୍ରତିବାଦରେ ସେମାନେ ଶନିବାର ସମିତି ଫାଟକରେ ତାଲା ପକାଇ ଦେଇଛନ୍ତି। ଫଳରେ ଧାନକିଣା କାର୍ଯ୍ୟ ବନ୍ଦ ରହିଛି। ଚଳିତବର୍ଷ ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କର ଟୋକନ କଟିଯିବାରୁ ଏହି ଚାଷୀମାନେ ସମିତିରେ ଧାନ ପକାଇଥିଲେ ମଧ୍ୟ ବିକ୍ରି କରି ନ ପାରି ହତାଶ ହେଉଛନ୍ତି। ଟୋକନ କଟିଥିବା ଚାଷୀଙ୍କର ପ୍ରାୟ ୮ ଶହ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ମଣ୍ଡିରେ ପଡ଼ିରହିଛି। ଚାଷୀଙ୍କୁ ଏବେ ଧାନ ବିକ୍ରି ଚିନ୍ତା ଘାରିଛି। ଏ ବାବଦରେ ବାରମ୍ବାର ସମିତିକୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ବାଧହୋଇ ସମିତି ଫାଟକରେ ତାଲା ପକାଇଥିବା ଚାଷୀ ଅନାମ ଚରଣ ସାହୁ, ମୁକ୍ତିକାନ୍ତ ନାୟକ, ସାଧୁଚରଣ ମହାକୁଡ଼ ଓ ଚିନ୍ମୟ ପାଢ଼ୀ ପ୍ରମୁଖ କହିଛନ୍ତି। କେଉଁ ପରିସ୍ଥିତିରେ ସେମାନଙ୍କ ଟୋକନ କଟିଲା ତାହାର ତଦନ୍ତ କରାଯିବା ସହ କିପରି ମଣ୍ଡିରୁ ଧାନ କ୍ରୟ ହେବ ସେ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଏହି ସମିତିରୁ ଧାନ ଉଠାଇବାକୁ ଚୁକ୍ତି କରିଥିବା ୩ ମିଲ୍ ଠିକ୍ ସମୟରେ ନେଉ ନ ଥିବାରୁ ସମିତିରେ ଏପରି ଅବ୍ୟବସ୍ଥା ଦେଖାଦେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ରାସ୍ତାରୋକୋ କରିବାକୁ ବାଧହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ କହିଛନ୍ତି, ଚାଷୀମାନେ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣୁନାହାନ୍ତି। ମିଲ୍ ନିମ୍ନମାନର ଧାନ ନେବାକୁ ଅମଙ୍ଗ ହେଉଛି। ଯେଉଁ ଚାଷୀଙ୍କର ଟୋକନ କଟିଛି କିପରି ସେମାନେ ଧାନ ଦେଇପାରିବେ ସେଥିପ୍ରତି ସମିତି ଧ୍ୟାନ ଦେବ। ଏହି ସମିତିରେ ଶନିବାର ସୁଦ୍ଧା ୨୬ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଧାର୍ଯ୍ୟ ଥିଲାବେଳେ ୧୪ ହଜାର କୁଇଣ୍ଟାଲ କିଣା ସରିଛି। ସମିତି ୨୧୮ କ୍ଷୁଦ୍ର ଚାଷୀ, ୧୩୨ ଛୋଟ ଓ ୩୪ ବଡ଼ଚାଷୀ ମୋଟ ୩୮୪ଜଣଙ୍କଠାରୁ ଧାନ କ୍ରୟ କରିସାରିଥିବା ସେ କହିଛନ୍ତି। ସମିତିରେ ତାଲା ପକାଇ ଚାଷୀମାନେ ହୋହଲ୍ଲା କରିଥିଲେ। ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ସମିତି ସଭାପତି ନଗେନ୍ଦ୍ର ବିଶ୍ୱାଳ, ବାସୁଦେବପୁର ଥାନା ଏଏସ୍‌ଆଇ ବିନୋଦ ବିହାରୀ ହେମ୍ବ୍ରମ ପ୍ରମୁଖ ସେଠାରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ବେଳକୁ ସମିତି ଫାଟକରେ ତାଲା ପଡ଼ିରହିଥିଲା।

## କନ୍ୟାରତ୍ନଙ୍କ ଯତ୍ନ, ସୁରକ୍ଷାକୁ ଗୁରୁତ୍ୱ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଭଦ୍ରକ ଅଫିସ, ୨୫।୧**

ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଭଦ୍ରକ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ବିଭିନ୍ନ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଛି। ଏହି ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସହକାରୀ ଜିଲାପାଳ ବାସନ୍ତୀ ସାମଲ, ବାଳିକା ଶିକ୍ଷା ସଂଯୋଜିକା ଇପ୍‌ସିତା ଯେନା, ବିଜୟ କେତନ ସାହୁ ପ୍ରମୁଖ ନବଜାତ ଶିଶୁ ଯତ୍ନ ୱାର୍ଡରେ ନବଜାତ କନ୍ୟାଙ୍କ ମାତା ଓ ଅଭିଭାବକଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା ବାଳିକା ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସିଏଚ୍ ବିଜୟଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳ ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ଶିଶୁ ସୁରକ୍ଷା ବିଭାଗର ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡିଏସ୍‌ପି ସୁରେଶ ଚନ୍ଦ୍ର ଜେନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ କନ୍ୟାରତ୍ନମାନଙ୍କ ସୁରକ୍ଷା ଓ ଯତ୍ନ ଉପରେ ବକ୍ତବ୍ୟ ରଖିଥିଲେ। ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ତୀର୍ଥବାସୀ ଦାସଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଚାଇଲ୍ଡ ଲାଇନର ସୋଫିଆ ସେକ୍, ପ୍ରାଧ୍ୟାପକ ମନୋଜ ସ୍ୱାଇଁ ପ୍ରମୁଖ ଯୋଗଦେଇ ଝିଅର ଯତ୍ନ ପାଇଁ ଦିବସର ଆହ୍ୱାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରୋବେସନ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଦ୍ୟାଳୟ ଓ ଶିଶୁ ଗୃହରେ ବିଭିନ୍ନ କାର୍ଯ୍ୟକ୍ରମ, ବୃକ୍ଷରୋପଣ ଓ ପ୍ରତିଯୋଗିତା କରାଯାଇ କନ୍ୟା ସନ୍ତାନମାନଙ୍କୁ ଉତ୍ସାହିତ କରାଯାଇଥିଲା। ଶିଶୁ ସୁରକ୍ଷା ବିଭାଗର ବିଶ୍ୱନାରାୟଣ ପଣ୍ଡା, ମହେଶ ଦାଶ, ସୁଷମା ମହାନ୍ତି, ଧୀରଜ ବାରିକ ଓ ଚିନ୍ମୟ ପାଣି ପ୍ରମୁଖ ସହଯୋଗ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ

**ବନ୍ତ, ୨୫।୧ (ଡି.ଏନ.ଏ.)**

ବନ୍ତ ବ୍ଲକ ନିଳୋକଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କୃଷି କର୍ମଚାରୀ ନିତ୍ୟାନନ୍ଦ ପଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହପ୍ରତିଋତ୍ୱିକ ଅଭିମନ୍ୟୁ ଖଟୁଆ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବେ ହାଡ଼ିବନ୍ଧୁ ବେହେରା, ଯାଜକ କର୍ମୀ ଅବିନାଶ ନାୟକ ଓ ଲକ୍ଷ୍ମୀଧର ଲେଙ୍କା ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସମ୍ପର୍କରେ କହିଥିଲେ। ସମାଧାନ ସାହୁ ସତ୍ୟାନୁସରଣ ଓ ନିରଞ୍ଜନ ପଣ୍ଡା ନାରୀର ନୀତି ପାଠ କରିଥିଲେ। ପ୍ରଫୁଲ୍ଲ ସାହୁ, ନବୀନ ସାହୁ, ରମେଶ ପ୍ରଧାନ ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ବହୁ ଗୁରୁମା ଓ ଗୁରୁଭ୍ରାତା ଯୋଗ ଦେଇଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଚାନ୍ଦବାଲି, ୨୫।୧ (ଡି.ଏନ.ଏ.)**

ଚାନ୍ଦବାଲି ଦାଖା ହାଇସ୍କୁଲର ୧୯୭୮ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଚଳିତବର୍ଷ ୪ର୍ଥ ବର୍ଷରେ ପଦାର୍ପଣ କରିଛି। ଚଳିତଥର କେନ୍ଦୁଝରେ ତୃପ୍ତିସଫାରି ବକ୍ସି ବରିଗାଁଠାରେ କାର୍ଯ୍ୟକ୍ରମ ହୋଇଥିଲା। ପୁରାତନ ଛାତ୍ରୀଛାତ୍ର ସପରିବାର ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଦିବଂଗତ ୨ ବନ୍ଧୁଙ୍କ ଆତ୍ମାର ସଦ୍‌ଗତି ପାଇଁ ସେମାନେ ନୀରବ ପ୍ରାର୍ଥନା କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଲକ୍ଷ୍ମୀନାରାୟଣ ନାୟକ ହାଇସ୍କୁଲ ପାଠ ସରଳୀକରଣ ପାଇଁ ବିଭିନ୍ନ ସୂତ୍ର ବିଷୟରେ କହିଥିଲେ। ଡା. ଦେବବ୍ରତ ପଢ଼ିହାରୀ, ଇଂ. ଗଣେଶ ପ୍ରସାଦ ସାହୁ ଓ ଶିକ୍ଷାବିତ୍ ରମେଶ ଚନ୍ଦ୍ର ରାଉତଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାତୀୟ ମତଦାତା ଦିବସ ପାଳିତ

**ବାସୁଦେବପୁର, ୨୫।୧ (ଡି.ଏନ.ଏ.)**


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍ ପରିସରରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ୭୨ଜଣ ନୂତନ ଭୋଟରଙ୍କୁ ଭୋଟର ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ନୂଆ ଭୋଟରମାନେ ଶପଥପାଠ କରିଥିଲେ। ବିଡିଓ ପ୍ରଣବ କୁମାର ବେହେରା ସଭାରେ ସଭାପତିତ୍ୱ କରିଥିଲେ। ଜିପିଇଓ ଅଶୋକ ଦାସ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରମାକାନ୍ତ ପାଢ଼ୀ, ସିଆର୍‌ସିସି ଗୟାଧର ଦାସ, ଅମିୟ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଭୋଟର କାର୍ଡ ପ୍ରସ୍ତୁତ ଦାୟିତ୍ୱରେ ଥିବା ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : balasoreselfie@gmail.com


ଅରୁପ


ଖୁସି


ଦାମୋଦର


ଶାଜିଦ୍


ସୂର୍ଯ୍ୟ

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ଭଦ୍ରକ ଅଫିସ, ୨୫।୧**

ଭଦ୍ରକ ଉପକଣ୍ଠ ବରପଦା କପାସିଆ ମା' ସିଦ୍ଧଦୁର୍ଗା ମନ୍ଦିର ପରିସରରେ ଶନିବାର ପ୍ରାୟ ୨ଶହ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଜିଲାପରିଷଦ ସଭ୍ୟ କ୍ଷୀରୋଦ ରାଉତ ଓ ରାନ୍ଦିଆ ସରପଞ୍ଚ ମନୋରଞ୍ଜନ ପୁହାଣ ଅତିଥି ଭାବେ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ। ମା' ସିଦ୍ଧଦୁର୍ଗା ଚାରିଟେବୁଲ ଟ୍ରଷ୍ଟର ସଭାପତି ଭରତ ବାରିକ, ସମ୍ପାଦକ ଆର୍ତ୍ତବନ୍ଧୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣ ବାରିକ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।


ଅତିଥିଙ୍କ ଦ୍ୱାରା କମ୍ବଳ ବୃଦ୍ଧାଙ୍କୁ ବଣ୍ଟନ କରାଯାଉଛି।

# ଗୋଚର ଜମିରୁ ବେଆଇନ ମାଟି ଉଠାଣ

**ବନ୍ତ, ୨୫।୧ (ଡି.ଏନ.ଏ.)**


ନିଳୋକ ମୌଜାର ଗୋଚର ଜମିରୁ ମାଟି ଉଠାଣ ପରେ ଖାଲ ସୃଷ୍ଟି ହୋଇଛି।

ଭଦ୍ରକ ଜିଲା ବନ୍ତ ତହସିଲ ଛୟାଳସିଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ନିଳୋକ ମୌଜାର ଏକ ଗୋଚର ଜମିରୁ ବେଆଇନ ଭାବେ ମାଟି ଉଠାଣ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ନିଳୋକ ମୌଜାର ଉକ୍ତ ଗୋଚର ଜମି ଉପରେ ନିଳୋକ ଗ୍ରାମର ଲୋକେ ନିର୍ଭର କରନ୍ତି। ଏହି ଜମିରେ ଗୋରୁ ଚରୁଥିବାବେଳେ ଶବଦାହ ଆଦି କାର୍ଯ୍ୟ କରାଯାଇଥାଏ। ଏପରି ସ୍ଥଳେ ଗତ ୨ ଦିନ ଧରି ଏହି ଜମିରୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ ମାଟି ଉଠାଇଛନ୍ତି।

ଫଳରେ ଉକ୍ତ ଜମିରେ ୧୦ରୁ ୧୨ ଫୁଟ୍ ଗଭୀରର ବିରାଟ ଖାଲ ସୃଷ୍ଟି ହୋଇଛି। ଯାହାକି ଜମିରେ ଚରୁଥିବା ଗୋରୁ ଓ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ଖାଲ ସୃଷ୍ଟି ହେବା ଦ୍ୱାରା ଉକ୍ତ ସ୍ଥାନରେ ଆଉ ଶବଦାହ କରାଯାଇ ପାରିବ ନାହିଁ। ଏଭଳି ମାଟି ଉଠାଯାଉଥିବାବେଳେ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ହୋଇଛି। ଗ୍ରାମବାସୀ ଏ ନେଇ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ସୁପରଭାଇଜର ଅତୁଲ କୁମାର ଭୂୟାଁଙ୍କୁ ପଚାରିବାରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ



### ଟ୍ରାକ୍ଟର-କାର୍ ମୁହାଁମୁହିଁ ଧକ୍କା

**ପାଟଣା,୨୫।୧(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ଢେଙ୍କିକୋଟ ଦେଇ ଯାଇଥିବା ୨୨୦ନମ୍ବର ରାଞ୍ଚି ଓ ବିଜୟୱାଡା ଜାତୀୟ ରାଜପଥର ଡିଆନାଲୀ ରଥପଡା ମଧରେ ଥିବା ଭାଲୁଘର ଛକ ନିକଟରେ ଶନିବାର ଅପରାହ୍ନରେ ଏକ କାର ସହ ଟ୍ରାକ୍ଟରର ମୁଁହାମୁହିଁ ଧକ୍କା ହୋଇଛି। ଫଳରେ କାରଟି ଚୂରମାର ହୋଇଯାଇଥିବା ବେଳେ କାରରେ ଥିବା ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳ ଗମ୍ଭାରିଆ ଗ୍ରାମର ଏସ୍.କେ. ସାଫିକ ଓ ଏମ୍‌ଡି ସାକିଲ। ଗୁରୁତରଙ୍କୁ ପାଟଣା ପୋଲିସ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଟ୍ରାକ୍ଟର ଇଞ୍ଜିନକୁ ଘଟଣା ସ୍ଥଳରୁ ଚାଳକ ନେଇ ଫେରାର ହୋଇଯାଇଥିବା ବେଳେ କାର ଓ ଟ୍ରାକ୍ଟର ଟ୍ରଲିକୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି।

### ତୃତୀୟ ଲିଙ୍ଗ ଅଧିକାର ନେଇ ସଚେତନତା ଶିବିର

**ବଡ଼ବିଲ, ୨୫।୧(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଜେଏମ୍‌ଏଫସି(ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ) କୋର୍ଟ ପରିସରରେ ତୃତୀୟ ଲିଙ୍ଗଙ୍କ ଅଧିକାର ନେଇ ଶନିବାର ଅପରାହ୍ନରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବଡ଼ବିଲ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୧୩ ଜଣ ତୃତୀୟଲିଙ୍ଗଧାରୀ ଯୋଗଦେଇଥିଲେ। ସମିତି ଅଧକ୍ଷ ତଥା ଜେଏମଏଫସି ପତିତପାବନ ପଣ୍ଡା ତୃତୀୟ ଲିଙ୍ଗଙ୍କ ନିମନ୍ତେ ସମ୍ବିଧାନରେ ଥିବା ଆଇନଗତ ବ୍ୟବସ୍ଥା ଓ ଦଣ୍ଡବିଧାନ ବ୍ୟବସ୍ଥା ଉପରେ ବିଶଦ ଭାବେ ଉପସ୍ଥାପନ କରିଥିଲେ। ବଡ଼ବିଲ ଆଇନଜୀବୀ ସଂଘର ସଭାପତି ବଳରାମ ମହାନ୍ତି, ବରିଷ୍ଠ ଆଇନଜୀବୀ ବିଭୂତି ଭୂଷଣ ଷଡ଼ଙ୍ଗୀ ଓ ବରିଷ୍ଠ କୋର୍ଟ କର୍ମଚାରୀ ଅକ୍ଷୟ କୁମାର ଦାଶ ପ୍ରମୁଖ ଯୋଗଦେଇ ତୃତୀୟଲିଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଥିବା ଅଧିକାର ବିଷୟରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧରେ ଆଇନସେବା କର୍ମୀ, କୋର୍ଟ କର୍ମଚାରୀ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ମିଳୁନି ବିଲ୍ଡିଂ ସେଫ୍‌ଟି ସାର୍ଟିଫିକେଟ

**କେନ୍ଦୁଝର, ୨୫।୧(ସ୍ୱ.ପ୍ର.)**

### ଦରମା ବନ୍ଦ ଆଶଙ୍କାରେ ଅଧ୍ୟାପକ

କେନ୍ଦୁଝର ଜିଲାର ବିଭିନ୍ନ ଉଚ୍ଚତର ବିଦ୍ୟାଳୟ (ଯୁକ୍ତ୨ କଲେଜ) ବିଲ୍ଡିଂ ଓ ଫାୟାର ସେଫ୍‌ଟି ପ୍ରମାଣପତ୍ର ପାଇବାରେ ବହୁ ଅସୁବିଧା ଭୋଗୁଛନ୍ତି। ଏହି ପ୍ରମାଣପତ୍ର ଠିକ୍ ସମୟରେ ଦାଖଲ ନ କଲେ ସମସ୍ତଙ୍କ ଦରମା ବନ୍ଦ ହେବ, ଏହି ଚିନ୍ତାରେ କଲେଜର ଅଧକ୍ଷ ଓ ଅନ୍ୟ ଅଧ୍ୟାପକମାନେ ରହିଛନ୍ତି। ପ୍ରକାଶ ଯେ ନିଆଁ ଲାଗିବା ଯୋଗୁ ବ୍ୟାପକ ଧନଜୀବନ ହାନି ଘଟୁଥିବାରୁ ବିଶେଷ କରି ଶିକ୍ଷାନୁଷ୍ଠାନ ଗୁଡ଼ିକରେ କ୍ଷୟକ୍ଷତି ରୋକିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଡାକଡି ପଦକ୍ଷେପ ନିଆଯାଇଛି । ଏନେଇ ବିଭିନ୍ନ କଲେଜମାନଙ୍କୁ ଫାୟାର ଓ ବିଲ୍ଡିଂ ସେଫ୍‌ଟି ପ୍ରମାଣପତ୍ର ଦେବାକୁ ଉଚ୍ଚଶିକ୍ଷା ବିଭାଗ ଆଦେଶ କରିଛି। ତଦନୁସାରେ କଲେଜ କର୍ତ୍ତୃପକ୍ଷ ଫାୟାର ସେଫ୍‌ଟି ବ୍ୟବସ୍ଥା କରି ପ୍ରମାଣପତ୍ର ସମ୍ପୃକ୍ତ ଅଗ୍ନିସେବା ବିଭାଗରୁ ପାଇଥିବା ବେଳେ କେତେକ ଉଚ୍ଚତର ବିଦ୍ୟାଳୟ ବିଲ୍ଡିଂ ସେଫ୍‌ଟି ପ୍ରମାଣପତ୍ର ପାଇପାରୁନଥିବାରୁ ଚିନ୍ତାରେ ରହିଛନ୍ତି। ଏହି ପ୍ରମାଣପତ୍ର ଦାଖଲ ନ କଲେ ସେମାନଙ୍କ ଦରମା ବନ୍ଦ ହେବ ବୋଲି ଆଦେଶ ହୋଇଥିବାରୁ ସମସ୍ତେ ଚିନ୍ତାରେ ରହିଛନ୍ତି। ଏହି ପ୍ରମାଣପତ୍ର ଗ୍ରାମ ଉନ୍ନୟନ/ପୂର୍ତ୍ତ ବିଭାଗଠାରୁ ଆଣିବା ପାଇଁ କଲେଜଗୁଡ଼ିକୁ ଚିଠିରେ ଦର୍ଶାଯାଇଛି। ଏହିସବୁ ଉଚ୍ଚତର ବିଦ୍ୟାଳୟଗୁଡିକର କୋଠା ନିର୍ମାଣ ବା ମରାମତି କରିନାହୁଁ। ଏଣୁ କିପରି ବିଲଡିଂ ସେଫ୍‌ଟି ପ୍ରମାଣପତ୍ର ଦେବୁ। ଏପରିକି ଏଭଳି ବିଲଡିଂ ସେଫ୍‌ଟି ପ୍ରମାଣ ଦେବା ପାଇଁ ଆମକୁ ଚିଠି ଆସିନାହିଁ। ଏଣୁ ଆମେ ଦେଇପାରୁନାହୁଁ ବୋଲି ଆରଡି ଏସଡିଓ ଅଜିତ କୁମାର ଦେବତା କହିଛନ୍ତି। ରାଇସୁଆଁ ଉଚ୍ଚତର ବିଦ୍ୟାଳୟ ଅଧକ୍ଷ ରତିକାନ୍ତ ପରିଡା କହିଛନ୍ତି ଯେ ଆମେ ଆବେଦନ କରିଛୁ କିନ୍ତୁ ଆମକୁ ପ୍ରମାଣପତ୍ର ଦେଉନାହାନ୍ତି। ଏଣୁ ଏନେଇ ବାଧ୍ୟ ହୋଇ ଉଚ୍ଚଶିକ୍ଷା ବିଭାଗକୁ ଜଣାଇବୁ। ଦଧିବାମନ ଉଚ୍ଚତର ବିଦ୍ୟାଳୟ ଅଧକ୍ଷ ଶରତଚନ୍ଦ୍ର ମହାନ୍ତ କହିଛନ୍ତି ଯେ, ଆମକୁ ଆରଡିର ସାହାରପଡା ଏସଡିଓଙ୍କ ବିଲଡିଂ ସେଫ୍‌ଟି ପ୍ରମାଣପତ୍ର ମିଳିଯାଇଛି। ଏନେଇ ଡିଭିଜନ ଅଫିସରେ ଆବେଦନ କରିବା ପରେ ସେ ଆସି ବିଲ୍ଡିଂ ଯାଞ୍ଚ କରି ପ୍ରମାଣପତ୍ର ଦେଇଛନ୍ତି। ତେବେ ଗୋଟିଏ ବିଭାଗର କେତେକ ଉଚ୍ଚତର ବିଦ୍ୟାଳୟଙ୍କୁ ପ୍ରମାଣପତ୍ର ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ କାହିଁକି ଦିଆଯାଇପାରୁନାହିଁ ତାହାକୁ ନେଇ ଅନେକେ ପ୍ରଶ୍ନ କରିଛନ୍ତି। ଏଣୁ ଏନେଇ ଉପଯୁକ୍ତ ପଦକ୍ଷେପ ନେଇ ବିଲ୍ଡିଂ ସେଫ୍‌ଟି ପ୍ରମାଣପତ୍ର ପ୍ରଦାନ କରିବାକୁ ଦାବି ହେଉଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଶିଖିଥିଲି କାହାଣେ ଛକୋଡ଼ି**
**ଗୀତ ଶିଖିଥିଲି ପଣେ**
**ଯେଦିନୁ ମାଡ଼ିଲି ଯାଙ୍କରି ଘର**
**ସବୁ ପାସୋରିଲି କ୍ଷଣେ ।**

ବାହା ହୋଇ ଝିଅ ଯେବେ ଶାଶୁଘରକୁ ବୋହୂ ହୋଇ ଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁପରିମାଣରେ ବଢ଼ିଯାଏ। ଘର ପରିବାର ସମ୍ଭାଳିବା ଭିତରେ ସେ ସମୟକ୍ରମେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ଅତୀତ କଥା ଭାବିବାକୁ ସମୟ ପାଇ ନ ଥାନ୍ତି। ଏପରିସ୍ଥଳେ ବାପଘରୁ ଢଗ ଭଳି କିଛି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ିରହି ସେସବୁ ମନରୁ ପାସୋରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢଳିଗଲା ବନ**
**ବଳିଗଲା ମନ**
**ଲେଉଟି ନ ଆସେ ଆଉ ।**

ଥରେ ଯାହା ଘଟି ଯାଇଥାଏ ତାହା ଆଉ ପୁନଃ ଫେରି ଆସି ନ ଥାଏ। ବଣ ଥରେ ଉଜୁଡ଼ି ଗଲେ ଆଉ ସେ ଶୋଭାବନ ହୋଇପାରି ନ ଥାଏ। ସେହିପରି ମନ ଥରେ ଟଳିଗଲେ ବା ବଦଳିଗଲେ ଆଉ ପୁନଃ ତରଳି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

# ଚରମ୍ପା ଏକାଡେମୀ ଚାମ୍ପିୟନ

**ହାଟଡିହୀ,୨୫।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଟୁକୁଣା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବିବେକାନନ୍ଦ ଖେଳପଡିଆ ଠାରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ୨ୟ ଦିନରେ ପହଞ୍ଚିଛି। ମୁଖ୍ୟଅତିଥି ଭାବେ ଆମ୍ବୋ ସରପଞ୍ଚ ରାମଚନ୍ଦ୍ର ଦାସ, ସମଣା ସରପଞ୍ଚ ପତିତପାବନ ନନ୍ଦ, ସମଣା ସମିତି ସଭ୍ୟ ବିଦ୍ୟାଧର ସା ଯୋଗ ଦେଇଥିଲେ। ମ୍ୟାଚ୍ ଭଦ୍ରକ ଚରମ୍ପା ଏକାଡେମୀ ଟିମ ସହିତ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧରେ ଅନୁଷ୍ଠିତ ହୋଇଥିଲା। ୨୦ ଓଭର ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟରେ ଚରମ୍ପା ଏକାଡେମୀ ଟସ୍ ଜିତି ପ୍ରଥମେ ଫିଲଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ସମସ୍ତ ଉଇକେଟ ହରାଇ ୧୭.୪ ଓଭରରେ ୧୦୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ଚରମ୍ପା ଏକାଡେମୀ ଟିମ ୧୪.୩ ଓଭରରେ ୪ ଉଇକେଟ ହରାଇ ୧୦୪ ରନ ସଂଗ୍ରହକରି ମ୍ୟାଚ ବିଜୟୀ ହୋଇଥିଲା। ଚରମ୍ପା ଏକାଡେମୀ କ୍ରିକେଟ ଟିମର ଜ୍ୟୋତି ରଞ୍ଜନ ମହାରଣା ମ୍ୟାନ୍‌ଅଫ ଦି ମ୍ୟାଚ୍ ହୋଇଥିଲେ । ଲଲାଟ କେଶରୀ ନନ୍ଦ, ପଦ୍ମନାଭ ସାମଲ ଅମ୍ପାୟାର ଥିଲେ । ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ଭାଷ୍ୟକାର ଭାବେ ସୁକାନ୍ତ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ । ଜିଲା ପରଷଦ ସଭ୍ୟ ସୁରେନ୍ଦ୍ର ଜେନା, ଭଗବାନ ନାୟକ, ପୂର୍ଣ୍ଣଚନ୍ଦ୍ର ଶଙ୍ଖୁଆ, ଘନଶ୍ୟାମ ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନ୍ଦୀପ ଧଳ, ଜ୍ୟୋତିରଞ୍ଜନ ଧଳ, ନବଘନ ନାୟକ, ସତ୍ୟବ୍ରତ ବିଶ୍ୱାଳ, ପ୍ରଶାନ୍ତ ଜେନା, ଲାଲୁ ଧଳ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଜ୍ୟୋତି ରଞ୍ଜନ ମହାରଣାଙ୍କୁ ପୁରସ୍କୃତ କରାଯାଉଛି।

### କ୍ରୀଡ଼ା ଶରୀରକୁ ସୁସ୍ଥ ରଖେ

**ହାଟଡିହୀ,୨୫।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବି.ସି.ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ଏବିଇଓ ସୁରଥ ସାହୁ ମୁଖ୍ୟଅତିଥି,ଏବିଇଓ ସୁରେଶ ଯେନା ମୁଖ୍ୟବକ୍ତା, ଏବିଇଓ ବିନୋଦ ରାଉତ, ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା ଓ ଗୌରାଙ୍ଗ ନାୟକ, ସିଆରସିସି ପ୍ରଭାକର ବେହେରା, ଶିକ୍ଷକ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରୀଡ଼ା ଶରୀର ଓ ମନକୁ ସୁସ୍ଥ ରଖେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏଥିସହ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ବିଶ୍ୱାଳ, ମାଧବାନନ୍ଦ କର, ସଚିନ ଦେବ ରାଉତ, ମମତାମୟୀ ସେଠୀ, ଭୀମ ସେନ ଜେନା, ସଞ୍ଜୟ ନାୟକ,ନାରାୟଣ ରାଉତ, ଶତ୍ରୁଘ୍ନ ସା, ଦେବାଶିଷ ଦାସ ଖେଳ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା।

## 'ସହାନୁଭୂତି ନୁହେଁ ସମ୍ମାନ ଦିଆଯାଉ'



ଶିଶୁ କନ୍ୟା ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**କେନ୍ଦୁଝର, ୨୫।୧ (ସ୍ୱ.ପ୍ର.)**

ସ୍ଥାନୀୟ ରୋଟାରୀ କ୍ଲବ ହଲରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଜାତୀୟ ଶିଶୁ କନ୍ୟା ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଲିଲି କୁମାରୀ କୁଲୁ, ଜିଲା ଆଇନସେବା ପ୍ରାଧିକରଣ ଆୟୋଗ ସମ୍ପାଦିକା ବର୍ଣ୍ଣାଳୀ ତ୍ରିପାଠୀ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଡାକ୍ତର ମମତାରାଣୀ ଜେନା, ସାମାଜିକ କର୍ମୀ ଧରିତ୍ରୀ ରାଉତ, ସାମାଜିକ କର୍ମୀ ରାଜଶ୍ରୀ ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ । ଜିଲାର ଶିଶୁ ଯତ୍ନ ଅନୁଷ୍ଠାନରୁ ୮୦ ଜଣ ଅନ୍ତେବାସୀ ଯୋଗଦେଇଥିଲେ । ଏହି ଅବସରରେ ସେମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା । ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନଗତ ପ୍ରାବଧାନ ବିଷୟରେ ଡିଏଲଏସଏର ତ୍ରିପାଠୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିଶୁ କନ୍ୟାମାନଙ୍କୁ ସହାନୁଭୂତି ନୁହେଁ ସମ୍ମାନ ଆବଶ୍ୟକତା ବୋଲି ପଦ୍ମଶ୍ରୀ ତୁଳସୀ ମୁଣ୍ଡା କହିଥିଲେ। ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କନ୍ୟାମାନଙ୍କୁ ଦେବୀ ଦୁର୍ଗା ଭଳି ପ୍ରଚଣ୍ଡ ଓ ସରସ୍ୱତୀଙ୍କ ଭଳି ଜ୍ଞାନୀ ହେବାକୁ ପଡିବ ବୋଲି ସେ କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ଅଧକ୍ଷତା କରିଥିବା ବେଳେ ସୌମ୍ୟରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଝରଣା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୨୫।୧(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବର୍ଣିସ୍ଥିତ ଗ୍ରାମ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରାଜେନ୍ଦ୍ର ନାରାୟଣ ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ଦେଶର ଜଣେ ଜଣେ ସୁଦକ୍ଷ ନାଗରିକ ଭାବେ ଉଭା ହେବା ପାଇଁ ପରାମର୍ଶ ଦେଇଥିଲେ। ସୋସୋ ମହାବିଦ୍ୟାଳୟ ଅଧକ୍ଷ ଶିବଚରଣ ଶାମୁରାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ କମିଟି ପ୍ରାକ୍ତନ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ନାଥ, ବିଦ୍ୟାଳୟ କମିଟି ଚେୟାରମ୍ୟାନ ଗୟାଧର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ରୀଧର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ସୌମ୍ୟକାନ୍ତ ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଉର୍ମିଳା କୁମାରୀ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ବିଭିନ୍ନ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜୀବ ନାୟକ, ଲିପିକା ମହାନ୍ତି, ପ୍ରଫୁଲ୍ଲ କୁମାର ଜେନା, ନାରାୟଣ ସାହୁ, ସୁମନ୍ତ ସାହୁ, ଜୟନ୍ତୀ ମାଝୀ, ସୁଚିତ୍ରା ସାହୁ, ଅନ୍ନପୂର୍ଣ୍ଣା ସେଠୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସୁଦାମ ଚରଣ ଦାସ, ଅଜିତ ସାହୁ, ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀମାନେ।

### ନାବାଳିକାଙ୍କୁ ବଳାତ୍କାର କରି ଯୁବକ ଗିରଫ

**ପାଟଣା,୨୫।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୫ ମସିହାରେ ଜଣେ ୩୪ବର୍ଷୀୟ ଯୁବକ ବଳାତ୍କାର କରି ଗର୍ଭବତୀ କରିଥିବା ଅଭିଯୋଗରେ ଶନିବାର ପାଟଣା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି କରଞ୍ଜିଆ ଥାନା ପିଛୁଳି ଗ୍ରାମର ଅକ୍ଷୟ ନାଏକ। ଅକ୍ଷୟ ଏହି ଘଟଣା ଘଟାଇ ଦୀର୍ଘ ୪ବର୍ଷ ହେବ ଫେରାର ଥିବା ବେଳେ ରାଇରଙ୍ଗପୁରରୁ ପାଟଣା ପୋଲିସ ଶନିବାର ତାଙ୍କୁ ଗିରଫ କରିବାକୁ ସଫଳ ହୋଇଥିବା ଥାନାଧିକାରୀ ସନ୍ଧ୍ୟା ରାଣୀ ଜେନା ପ୍ରକାଶ କରିଛନ୍ତି। ଏନେଇ ପଟଣା ଥାନାରେ ଏକ ମାମଲା (ନଂ.୧୬୪/୧୫) ରୁଜୁ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜାତୀୟ ଶିଶୁ କନ୍ୟା ଦିବସ

**ଆନନ୍ଦପୁର, ୨୫।୧(ସ୍ୱ.ପ୍ର.)-** ଆନନ୍ଦପୁର ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ପଣସଡିହା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଇଲ୍ଡଲାଇନ୍ ପକ୍ଷରୁ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଭକ୍ତ ସିଂ ଗାଗରାଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ଟିମ୍ ଲିଡର ନରେନ୍ଦ୍ର ପରିଡା, ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ, ଆନନ୍ଦ ଚନ୍ଦ୍ର ସାହୁ, ହିମାଂଶୁ କୁମାର ରାମ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଶିଶୁକନ୍ୟାଙ୍କ ପ୍ରତି ଉତ୍ତମ ଯତ୍ନ ନେବା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ସହିତ ସମ୍ମାନ ଓ ଅଧିକାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଶିଶୁ ବିବାହ ନିରୋଧୀ ଆଇନ, ଶିକ୍ଷାଧିକାର ଆଇନ, ଶିଶୁଶ୍ରମ ନିରୋଧ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା, ଅବହେଳିତ, ଅସହାୟ, ପରିତ୍ୟକ୍ତ ଶିଶୁଙ୍କୁ ଦେଖିଲେ ସାହାଯ୍ୟ ସହଯୋଗ ପାଇଁ ୧୦୯୮ ନିଃଶୁଳ୍କ ଟେଲିଫୋନ ସେବା ଦ୍ୱାରା ଚାଇଲ୍ଡଲାଇନର ସହାୟତା ଲୋଡିବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଅଧ୍ୟୟରତ ଶିଶୁ କନ୍ୟାମାନେ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ଜେନା, ଦେବେନ୍ଦ୍ର ଗୁଡ୍ଡୁ, ବୀରେନ୍ଦ୍ର ନାଥ ମୁର୍ମୁ, ରବୀନ୍ଦ୍ର କୁମାର ରାମ, ସୌମ୍ୟାଶ୍ରୀ ନାଥ, ମଧୁସ୍ମିତା ଦାସ, ସସ୍ମିତା ଦଳେଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଭୋଟର ଦିବସ ପାଳିତ

**ଚମ୍ପୁଆ, ୨୫।୧(ଡି.ଏନ.ଏ.)**

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାବେ ବିବେଚିତ ଭାରତ। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟଠାରେ ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଞ୍ଚାଇ ରଖିବା ପାଇଁ ତଥା ଶାନ୍ତିପୂର୍ଣ୍ଣ, ମୁକ୍ତ ଓ ଅବାଧ ନିର୍ବାଚନ ଗରିମାକୁ ବଜାୟ ରଖିବା ନିମନ୍ତେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ନିଜକୁ ଜଣେ ନିଷ୍ଠାପର ଭାରତୀୟ ଭାବେ ପ୍ରତିପାଦନ କରି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ସମେତ ତହସିଲଦାର ଆଲୋକ କୁମାର ପଟେଲ, ସରକାରୀ ଜିଲାପାଳ ସପନ କୁମାର ସାହୁ, ଚାରୁଲତା ସିଂ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ନିର୍ବିଶେଷରେ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ଗଣତାନ୍ତ୍ରିକ ପରମ୍ପରାକୁ ସମ୍ମାନ ଦେବା ସହିତ ପ୍ରତିଟି ନିର୍ବାଚନରେ ନିଜ ମତାଧିକାର ପ୍ରଦାନ କରିବାକୁ ଶପଥ ନେଇଥିଲେ।


ଜାତୀୟ ଭୋଟର ଦିବସରେ ଶପଥ ନେଉଛନ୍ତି ଉପଜିଲାପାଳ ଓ କର୍ମଚାରୀ।

**ହାଟଡିହୀ,(ଡି.ଏନ.ଏ.)**

ହାଟଡିହୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ପକ୍ଷରୁ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ବିଡିଓ ଜୟଦେବ ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଶିଶିର କୁମାର କରଙ୍କ ସଭାପତିତ୍ୱରେ କଲେଜ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଜିପିଓ ନବୀନ ଚନ୍ଦ୍ର ନାୟକ, ନରହରି ନାୟକ, ଶିକ୍ଷକ ସଦାଶିବ ଚକ୍ର, ଅଶୋକ ସାବତ, ରବିନାରାୟଣ ଜେନା, ଦେବାଶିଷ ବାରିକ, ଓ ସୁଦର୍ଶନ ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସାଇ ରୁଦ୍ରନାରାୟଣ ସା, ନିଶିତ ବରାଳ, ସତ୍ୟଜିତ ରାୟଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ପୁରସ୍କାର ଦିଆଯାଇଥିଲା।

**ପାନୀୟ ଜଳଯୋଗାଣ ଯୋଜନା ଦିଗହରା**

# ଘର ଅଛି, ପାଣି ନାହିଁ

**ହାଟଡିହୀ, ୨୫।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ଅଧିକାଂଶ ଅଞ୍ଚଳରେ ପାନୀୟ ଜଳଯୋଗାଣ ବିଫଳ ହୋଇଥିବା ଜଣାପଡୁଛି। ଗ୍ରାମ୍ୟ ଜଳଯୋଗାଣ ଗୃହ ଅଛି। କିନ୍ତୁ ଅଧିକାଂଶ ସ୍ଥାନରେ ପାଇପ ନାହିଁକିଷ୍ଟାଣ୍ଡ ପୋଷ୍ଟ ନଥିବା ଦେଖାଯାଇଛି। ମାତ୍ର ସରକାରୀ ସ୍ତରରେ ସବୁ ଠିକଠାକ ଚାଲୁଥିବା ସଫେଇ ଦିଆଯାଉଛି । ଉଅଁର ପଞ୍ଚାୟତରେ ଏହାର ଉଦାହରଣ ଦେଖାଯାଇଛି। ଲକ୍ଷାଧିକ ଟଙ୍କାରେ ଘର ନିର୍ମାଣ ହେଲା । ଗ୍ରାମର ପ୍ରତି ଘରକୁ ପାଇପ ଯୋଗେ ଜଳଯୋଗାଣ କରିବା କଥା । କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ବି ତାହା ସମ୍ଭବପର ହୋଇପାରିନାହିଁ । ଜଳଯୋଗାଣ ଗୃହ ଗୋରୁ ଗୁହାଳ ଠାରୁ ହୀନ ହେଲାଣି। ଘରଟି ଜରାଜୀର୍ଣ୍ଣ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି। ଏପରିକି ଲୋକେ ଶୌଚ ହେବା ପାଇଁ ସେଠାକୁ ଯାଇଥାନ୍ତି ସେହିପରି ଓରାଳିରେ ଥିବା ଜଳଯୋଗାଣ କ୍ଷେତ୍ରରେ ବ୍ୟାପକ ବ୍ୟତିକ୍ରମ ଦେଖାଦେଇଛି। ଘରର ଅବସ୍ଥା ଭଲ ନ ଥିଲେ ମଧ ଜଳଯୋଗାଣ ହୋଇପାରୁନାହିଁ। ଗ୍ରାମ୍ୟ ଜଳଯୋଗାଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ ହେଉଛି। ତେବେ ଏହି ଅର୍ଥ ଜନହିତରେ ଲାଗୁ ନ ଥିବା ବେଳେ କୁଆଡ଼େ ଯାଉଛି ବୋଲି ମୁଖ୍ୟ ପ୍ରଶ୍ନ ସାଜିଛି। ଅପରପକ୍ଷେ କାଗଜ କଲମରେ ଏହି ଅନୁଦାନକୁ ଆଖିବୁଜା ହରିଲୁଟ ହେଉଥିବା କୁହାଯାଉଛି। ଉପଯୁକ୍ତ ଭାବେ ପାଇପ ଯୋଗେ ଜଳଯୋଗାଣ କ୍ଷେତ୍ରରେ ଜିଲାପାଳ ଦୃଷ୍ଟି ଦେବା ସହ ଏହାର ତଦନ୍ତ ପାଇଁ ଦାବି ହେଉଛି। ଏହି ବ୍ଲକ ଅଧୀନ ୩୧ଟି ପଞ୍ଚାୟତରେ ୨୯ଟି ଗ୍ରାମ୍ୟ ଜଳଯୋଗାଣ ଗୃହ ନିର୍ମାଣ ହୋଇଛି ଏବଂ ୨୭ଟି ପଞ୍ଚାୟତରେ ଜଳଯୋଗାଣ ହେଉଥିବା ବିଭାଗୀୟ ବ୍ଲକ ଅଧିକାରୀ ପ୍ରକାଶ କରୁଛନ୍ତି। ଏଥିସହ ୨ଟି କାର୍ଯ୍ୟକ୍ଷମ ହୋଇନାହିଁ। କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ଆହୁରି ଅନେକ ପଞ୍ଚାୟତରେ ଗ୍ରାମ୍ୟ ଜଳଯୋଗାଣ ଯୋଜନାରେ ବ୍ୟାପକ ବିଭ୍ରାଟ ରହିଛି। ବିଭାଗୀୟ ଯନ୍ତ୍ରୀ ଉତ୍ସବ ଜେନା କହିଛନ୍ତି ଯେ, ଯେଉଁ ପଞ୍ଚାୟତରେ ଜଳଯୋଗାଣ କ୍ଷେତ୍ରରେ କୌଣସି ଅସୁବିଧା ହୁଏ ତେବେ ତାହାର ମରାମତି ଦାୟିତ୍ୱ ସଂପୃକ୍ତ ପଞ୍ଚାୟତମାନଙ୍କର ଅଟେ। ଏଥିନିମନ୍ତେ ପଞ୍ଚାୟତ ମାନଙ୍କରେ ଅନୁଦାନ ମଧ ଅଛି । ସରପଞ୍ଚମାନେ ସେସବୁ ସମସ୍ୟାର ସମାଧାନ କରିବା କଥା। ସେଥିରେ ଆମର କୌଣସି ଭୂମିକା ନାହିଁ।



ଅଚଳ ହୋଇପଡ଼ିଥିବା ପମ୍ପ ହାଉସ୍।

## ସଂକ୍ଷେପରେ

### ଜାତୀୟ ମତଦାତା ଦିବସରେ ଛାତ୍ରୀଙ୍କ ସହର ପରିକ୍ରମା

**ଉଦଳା, ୨୫।୧(ଡି.ଏନ.ଏ.):** ଉଦଳାଠାରେ ବ୍ଲକସ୍ତରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ୨୦୧୧ ଜାନୁୟାରୀ ୨୫ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ଉଦଳା ବ୍ଲକ କାର୍ଯ୍ୟାଳୟ ପରିସରରୁ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମୁଖ୍ୟଅତିଥି ଭାବେ ଉଦଳା ବିଡିଓ ଦେବଯାନୀ ଭୂୟାଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜିପିଓ ଉପେନ୍ଦ୍ର ସୋରେନ୍‌ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ୍ ଅଧିକାରୀ ରାଜକିଶୋର ବେହେରା, ଉଦଳା ବ୍ଲକର ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ମତଦାତା ସଚେତନତା ବାର୍ତ୍ତା ନେଇ ବିଭିନ୍ନ ସ୍ଲୋଗାନ୍ ଦିଆଯିବା ସହିତ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶନ କରାଯାଇଥିଲା ।

ଶୋଭାଯାତ୍ରା ପରେ ଉଦଳା ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଜରିଆରେ ସମସ୍ତଙ୍କୁ ଶପଥପାଠ କରାଯାଇଥିଲା । ଗଣତନ୍ତ୍ର ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ଜଣେ ଭୋଟରର ଦାୟିତ୍ୱ, ଆମର ଖଣ୍ଡିଏ ଭୋଟ ଦରକାର ଏକ ସୁସ୍ଥ ସରକାର ଗଢ଼ିପାରେ ବୋଲି ବୈଠକରେ ଅତିଥିଗଣ ମତଦେଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାର୍ଷିକ ମକର ମହୋତ୍ସବ ଉଦ୍‌ଯାପିତ

**ବାରିପଦା ଅଫିସ,୨୫।୧**

ବାରିପଦା ପୌରପରିଷଦ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁରଠାରେ ଥିବା ତ୍ରିରଙ୍ଗା କ୍ଲବ ପକ୍ଷରୁ ବାର୍ଷିକ ଉତ୍ସବ ଉପଲକ୍ଷେ ୭ ଦିନ ବ୍ୟାପୀ ଆୟୋଜିତ ମକର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଚାରିଦିନ କ୍ଲବ ପକ୍ଷରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ପୁରସ୍କାର ବିତରଣ ଉତ୍ସବ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୁରସ୍କାର ବିତରଣ ସମାରୋହର ପ୍ରଥମ ଦିବସରେ ବିଧାନସଭାର ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବିଧାୟକ ରାଜକିଶୋର ଦାସ ଓ ମୟୂରଭଞ୍ଜ କୋଅପରେଟିଭ ବ୍ୟାଙ୍କର ଡାଇରେକ୍ଟର ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର


ମଞ୍ଚରେ ଜଣେ କୃତୀ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିଂକା, କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର, ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି ଓ ବିଶିଷ୍ଟ ସମାଜସେବୀ ଗିରୀଶ ଚନ୍ଦ୍ର ଦାସ, ତୃତୀୟ ଦିବସରେ ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଯୁବନେତା ରାକେଶ ସିଂ ଓ କାଉନସିଲର ଦେବାଶିଷ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

ପ୍ରତ୍ୟେକଦିନ ମଞ୍ଚରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବାରିପଦା ସହରକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ପ୍ରୟାସ ଜାରି ରଖିଥିବା ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ନୃତ୍ୟଶିଳ୍ପୀ ଓମ୍ ଶୁଭମ ମହାପାତ୍ର ଓ ଶିକ୍ଷାବିତ୍ ତଥା ଅଧ୍ୟାପିକା କଳ୍ପନା ମହାନ୍ତ ପ୍ରମୁଖଙ୍କୁ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। କ୍ଲବର ସଭାପତି ଆଲୋକ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ ଓ ପ୍ରଧାନଶିକ୍ଷକ ସୋମନାଥ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ସଦସ୍ୟ ମଳୟ କୁମାର ଦତ୍ତ ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ସରୋଜ ମହାପାତ୍ର, ଅନନ୍ତ ବାଗ, ଅମିର କୁମାର ତେଲେଙ୍ଗା, ଅମିତ ବାଗ, ଅଭୟ ବାଗ, କିଷନ ତେଲେଙ୍ଗା, ଉମେଶ ମହାରଣା, ସଞ୍ଜୀବ ମାର୍ଣ୍ଡି, ଶାନ୍ତନୁ ସେନାପତି, ଏସ୍‌କେ ଅଜିତ, ରାଜେଶ ବେହେରା, କାହ୍ନା ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଶାଳଗାଁରେ ଭୋଟର ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବଡସାହି, ୨୫।୧(ସ୍ୱ.ପ୍ର.)** ମୟୂରଭଞ୍ଜ ଜିଲା ନେହେରୁ ଯୁବକେନ୍ଦ୍ର ଓ ଫୋର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ଭୋଟ ସଚେତନତା କାର୍ଯ୍ୟକ୍ରମ ଶାଳଗାଁ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ଚୈତନ୍ୟ ସିଂ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଚିତ୍ତରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଯୁବ ସମାଜ ଅନ୍ୟ ଦ୍ୱାରା ପ୍ରଲୋଭିତ ନହୋଇ ନିଜର ଭୋଟକୁ କିପରି ଭାବେ ସାବ୍ୟସ୍ତ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ଅତିଥିମାନଙ୍କ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଛନ୍ତି । ଉମାକାନ୍ତ ସାସମଲ ମଞ୍ଚ ପରିଚାଳନା କରିଥିବା ବେଳେ ଶଶିଧର ସିଂ ଧନ୍ୟବାଦ ଅର୍ପଣ କରିଛନ୍ତି । ରାଜକିଶୋର ସିଂ ଓ ଅଜୟ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଟବଲ୍ ଟୁର୍ନାମେଣ୍ଟ, ନୂଆଗାଁ ଚାମ୍ପିୟନ

**କପ୍ତିପଦା,୨୫।୧(ଡ଼ି.ଏନ.ଏ)**

କପ୍ତିପଦା ବ୍ଲକ ନୁଦଡ଼ିହା ପଞ୍ଚାୟତ ତଳିଆଠାରେ ମହାବୀର ଫୁଟ୍‌ବଲ୍ ଆସୋସିଏଶନ ଆନୁକୂଲ୍ୟରେ ୨ଦିନିଆ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସାଧୁ ସାଧବ ଦାସ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ୍ ଖେଳ ଭଞ୍ଜ ଇଂଲିଶ କଲୋନୀ, ଉଠାଣୀସାହି ବନାମ ଲିଟିଲ ଷ୍ଟାର, ଜଗନ୍ନାଥ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଭଂଜ ଇଂଲିଶ କଲୋନୀ ଟିମ୍, ଲିଟିଲ ଷ୍ଟାର ଦଳକୁ ପରାସ୍ତ କରି ଚାମ୍ପିୟନ


ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଅତିଥି।

ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫରେଷ୍ଟ ରେଞ୍ଜ ଅଧିକାରୀ ମଦନମୋହନ ମହାନ୍ତ, ମୁଖ୍ୟବକ୍ତା ଭାବେ ନୁଦଡ଼ିହା ପଞ୍ଚାୟତ ସରପଞ୍ଚ କାହ୍ନୁଚରଣ ସୋରେନ୍, ସମ୍ମାନିତ ଅତିଥି ଭାବେ ଭକ୍ତହରି ଜେନା, ସରୋଜ ମହାନ୍ତି, ବୃନ୍ଦାବନ ନାୟକ, ସନ୍ତୋଷ ନାରାୟଣ ସେଠୀ ଓ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

## ଅଭିରାମ ପରମହଂସଙ୍କ ଜୟନ୍ତୀ

**କୁଆମରା, ୨୫।୧(ଡି.ଏନ.ଏ.)**

ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଆମରା ପଞ୍ଚାୟତର ସିକିଡିଆ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ତ୍ରିବେଣୀ ଅମାବାସ୍ୟା ଅବସରରେ ଅଭିରାମ ପରମହଂସଙ୍କ ଜୟନ୍ତୀ ଓ ଠାକୁର ଶ୍ରୀ ସୂର୍ଯ୍ୟନାରାୟଣଙ୍କ ପାଲା ଉତ୍ସବ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଅଖଣ୍ଡ ନାମଯଜ୍ଞ, ଅଷ୍ଟପ୍ରହରୀ ଓ ଧର୍ମସଭା ଅଭିନ୍ନ ମାଇତିଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। କର୍ତ୍ତା ଭାବେ ନିମାଇଁ ପ୍ରସାଦ ଦାଶ ଓ ତାଙ୍କ ପତ୍ନୀ ଜାନକୀ ଦାୟିତ୍ୱ ତୁଲାଇଥିଲେ। ବହୁ ଭକ୍ତ, ସାଧୁ ସନ୍ଥ ଓ ପଣ୍ଡିତ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ। ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଜିଲାପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର, ଖବରଦାତା ଚିତ୍ତରଞ୍ଜନ ଦଳେଇ ଓ ଶାନ୍ତନୁ ମଡୁଆଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା।

# ଜାତୀୟ ଭୋଟର ଦିବସ

**କପ୍ତିପଦା,୨୫।୧(ଡ଼ି.ଏନ.ଏ.)** ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ କପ୍ତିପଦା ବ୍ଲକ ଅଧୀନ ନୁଦୁଡିହାସ୍ଥିତ ମେଘାସନୀ ମହାବିଦ୍ୟାଳୟ ପରିସରରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ଫକୀର ଚରଣ ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ନାୟକ, ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡଃ ନିରଞ୍ଜନ ପାଠୀ, ଅଧ୍ୟାପିକା ଡଃ ଶୁଭଦର୍ଶନୀ ମହାନ୍ତି ଓ ଡଃ କମଳାକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ବେହେରା ମତଦାତାମାନଙ୍କର ଶପଥପାଠ କରାଇବା ସହିତ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ନକୁଳ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା କମୋଲିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ ସଚେତନତା ରାଲି ଅଧ୍ୟାପକ ସୁରେନ୍ଦ୍ର କୁମାର ମୁଖୀ, ତପନ କୁମାର ନାୟକ, ଶୁଭଦର୍ଶନୀ ମହାନ୍ତି, ସସ୍ମିତା ଲାୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

**5 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ ₹**500.00 କୋଟି** ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି ।
ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ **ଜାନୁୟାରୀ 28, 2020 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ।
ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍‌-**(www.rbi.org.in)** ରେ **ଜାନୁୟାରୀ 24, 2020 (ଶୁକ୍ରବାର)** ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।
"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ବାରିପଦା ଅଫିସ,୨୫।୧**

ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ମୟୂରଭଞ୍ଜ ଜଳ ସେଚନ ବିଭାଜନ ବାରିପଦା ପକ୍ଷରୁ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳୀ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ,ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ ସରକାରଙ୍କ ବିଭିନ୍ନ ଯୋଜନାରେ କୃଷି ଓ କୃଷକର ବିକାଶ ପାଇଁ ରୂପାୟନ କାର୍ଯ୍ୟକାରି କରାଯାଉଥିବା ଜଳ ସେଚନ ପ୍ରକଳ୍ପ ଓ କୃଷିଭିତ୍ତିକ ବିଭିନ୍ନ ଫସଲ ଚାଷ ପାଇଁ ଜମିରେ ଜଳର ସଦୁପଯୋଗ କରାଯିବା ଦିଗରେ ପାଣି ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଚାଷୀ ଉଦ୍ୟୋଗୀମାନଙ୍କୁ ସମ୍ପୃକ୍ତ ବିଭାଗ ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସହିତ ଜଳ ସେଚନ ପ୍ରକଳ୍ପ ଓ ପାଣି ପଞ୍ଚାୟତ ସମିତି ଗୁଡିକର କାର୍ଯ୍ୟକ୍ଷମତା ତ୍ୱରାନ୍ୱିତ କରିବାକୁ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଜିଲାପାଳ ମୟୂରଭଞ୍ଜ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ସମାରୋହରେ ବାରିପଦା ଜଳସେଚନ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ପିତବାସ ହାଁସଦା, ମୟୂରଭଞ୍ଜ ଜଳ ସେଚନ ବିଭାଜନ ବାରିପଦା ନିର୍ବାହୀ ଯନ୍ତ୍ରୀ ଲୋକନାଥ ମହାନ୍ତି, ରାଇରଙ୍ଗପୁର ଜଳ ସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ବେହେରା, ନିର୍ବାହୀ ଯନ୍ତ୍ରୀ ଏମ. ଆଇ. ମୟୂରଭଞ୍ଜ ଇଂ. ମହେଶ ପଟ୍ଟନାୟକ ଓ ନିର୍ବାହୀ ଯନ୍ତ୍ରୀ ଉଠାଜଳ ସେଚନ ମୟୂରଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।

ସତ୍ୟମେବ ଜୟତେ
Shiksha Vikash Samiti
ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମୁଁ ଶିଶୁ ମନ୍ଦିରର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା, ପରିଚାଳନା କମିଟିର ସଦସ୍ୟ ସଦସ୍ୟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତଥା ନିରାମୟ ଜୀବନ କାମନା କରୁଛି।
ପ୍ରଧାନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ମନ୍ଦିର
ଖଇରା, ବାଲେଶ୍ୱର

FORM-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
ORIGINAL APPLICATION No. 373 OF 2019
State Bank of India, SARB, Cuttack ...Applicant
Versus
Pratap Kumar Behera ...Defendant(s)
To
D-1- **Sri Pratap Kumar Behera**, At: Balikuda, P.O: Gopalpur, Dist: Cuttack-753011.
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No.-373/2019** in the court of the Debts of Recovery Tribunal, Cuttack for recovery of **Rs.22,09,273/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defense to show cause within **30 days** from the date of publication or on **29/02/2020 at 10.30 AM** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **22nd day of January 2020**.
Sd/- (Sri M. K. Pattanaik)
REGISTRAR, Debts Recovery Tribunal, Cuttack

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାହାନଗା ବ୍ଲକ ଅଞ୍ଚଳର ସମସ୍ତ ଗୁରୁଜନ ଓ ଭାଇଭଉଣୀମାନଙ୍କୁ ଅଶେଷ ଅଶେଷ ଅଭିନନ୍ଦନ । ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଛାତ୍ରୀଛାତ୍ରମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ତଥା ସାମାଜିକ କର୍ମୀ ।

ମହେଶ୍ୱର ଉପାଧ୍ୟାୟ

## ଜାତୀୟ ଭୋଟର ଦିବସ ପାଳିତ

**ବିଶୋଇ, ୨୫।୧(ଡି.ଏନ.ଏ.)**

ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବିଶୋଇ ଠାରେ ୧୦ମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ବାଡୁଣିଆ ସରକାରୀ ଏସ.ଏସ.ଡି ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ଯୋଗଦେଇ ସ୍ଥାନୀୟ ବାଡୁଣିଆ ଗ୍ରାମ ଠାରୁ ଏକ ଭୋଟର ସଚେତନତା ରାଲିରେ ବାହାରିଥିଲେ। ଏହାପରେ ଏହି ରାଲି ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ପରେ ବ୍ଲକ କାର୍ଯ୍ୟାଳୟ ଠରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଶୋଇ ବ୍ଲକର ଅଧ୍ୟକ୍ଷା ତୁଳସୀ ଶିଜ୍ରି ହାଁସଦା,ବ୍ଲକ ଜିପିଇଓ ରୂପେଶ ନାଏକ ,ଜୁରିଲାଲ ମହାନ୍ତ,ଶିକ୍ଷକ ଚୈତନ୍ୟ ଗିରି,ଗୟାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


୭୧ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାହାନଗା ବ୍ଲକ ତାଳକୁରୁଣିଆଁ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରିୟ ଛାତ୍ରୀଛାତ୍ର ଓ ପଞ୍ଚାୟତବାସୀ, ଅଭିଭାବକ, ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ସାଦରରେ ଅଭିନନ୍ଦନ।
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପାଢ଼ୀ
ତାଳକୁରୁଣିଆଁ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ

## ଠାକୁରମୁଣ୍ଡାରେ ଜାତୀୟ ମତଦାତା ଦିବସ

**ଠାକୁରମୁଣ୍ଡା, ୨୫।୧ (ଡି.ଏନ.ଏ.)** ଠାକୁରମୁଣ୍ଡା ବ୍ଲକ ପରିସରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ ତଥା କଲେଜ ଛାତ୍ରୀ, ଛାତ୍ରଙ୍କୁ ପିଡିଓ ଦାମୋଦର ମହାଳିକ ଶପଥପାଠ କରାଇଥିବା ବେଳେ ବିଡିଓ ବିଜୟ କୁମାର ନାୟକ ଜାତୀୟ ମତଦାତା ସଂକ୍ରାନ୍ତୀୟ କୁଇଜ ପ୍ରତିଯୋଗିତା କରାଇଥିଲେ । ସଠିକ ଉତ୍ତରଦାତାଙ୍କୁ ତତ୍‌କ୍ଷଣାତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ମଧ ଶପଥପାଠ ଉତ୍ସବ ହୋଇଥିଲ।






## ସଂକ୍ଷେପରେ

### ଖବରକାଗଜ ବିତରକଙ୍କ ମୃତ୍ୟୁ


କୃଷ୍ଣଚନ୍ଦ୍ର କର

**ବାଲେଶ୍ୱର ଅଫିସ,୨୫ା୧:** ବାଲେଶ୍ୱର ସହରସ୍ଥିତ ମାଣିଖମ୍ବ ଅଞ୍ଚଳର ଖବରକାଗଜ ବିତରକ କୃଷ୍ଣଚନ୍ଦ୍ର କର (୭୦)ଙ୍କର ଶନିବାର ଭୋର୍ ସମୟରେ ମୃତ୍ୟୁ ଘଟିଛି। ଏନେଇ ଖବରକାଗଜ ବିତରକ ସଂଘ ପକ୍ଷରୁ ଶୋକସଭା କରାଯାଇଛି। କର ଦୀର୍ଘ ୧୦ବର୍ଷ ଧରି ସହରର ବିଭିନ୍ନ ସ୍ଥାନରେ ଖବରକାଗଜ ବିତରଣ କରି ନିଜର ପରିବାର ଚଳାଉଥିଲେ। ଗତ ୨ବର୍ଷ ପୂର୍ବରୁ ସାଇକେଲରୁ ପଡ଼ି ଗୋଡ଼ ଭାଙ୍ଗିଯିବା ଫଳରେ ସେ ରୋଗଗ୍ରସ୍ତ ହୋଇପଡିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ମଣିଷ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଖଇରା, ୨୫ା୧(ଡି.ଏନ.ଏ.):** ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପରିଚାଳିତ ଖଇରା ସରସ୍ୱତୀ ଶିଶୁ ମନ୍ଦିରର ପଞ୍ଚଦଶ ବାର୍ଷିକ କ୍ରୀଡା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପିଲାମାନେ ସକାଳେ ମା ତାରିଣୀ ମନ୍ଦିରରୁ ପୂଜାର୍ଚ୍ଚନା କରି ଏକ ମଶାଲ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଖେଳ ପଡିଆକୁ ଯାଇଥିଲେ। ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଖଇରା ସିଆରସିସି ଲକ୍ଷ୍ମଣ କୁମାର ସେନ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଦେବେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଶୁଭଙ୍କର ମହାନ୍ତି ଭଉଣୀଭାଇମାନଙ୍କୁ ଶପଥ ପାଠ କରାଇଥିଲେ। ପିଲାମାନଙ୍କ ମଧ୍ୟରେ ଦୌଡ, ଗଣିତ ଦୌଡ, ଅଖା ଦୌଡ, ଆଳି ଚାମଚ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ଭାବ୍ୟଶ୍ରୀ ପାଣି, ମନୋରମା ଗିରି, ମମତା ବାରିକ, ରଞ୍ଜିତା ଓଝା, ଗୁରୁଜୀ ପଙ୍କଜ ମହାନ୍ତି, ଡମ୍ବରୁ ଜେନା, ବଳରାମ ଲେଙ୍କା, ପ୍ରଭାକର ଓଝା ପ୍ରମୁଖ ସହଯୋଗ କରିଥିଲେ ।

### ୫ଟି କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ

**ବାଲେଶ୍ୱର ଅଫିସ, ୨୫ା୧:** ବାଲେଶ୍ୱର ସଦ୍‌ଭାବନା ସଭାଗୃହରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ୫ଟି ଉପରେ ଶନିବାର ପୂର୍ବାହ୍ନରେ ସମୀକ୍ଷା କରାଯାଇଥିଲା। ଏଥିରେ ବିଶେଷ ଭାବେ ମାର୍ଚ୍ଚ ମାସ ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନସନ ରାଶି ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ବିଭାଗଗୁଡ଼ିକୁ ତାଙ୍କ କାର୍ଯ୍ୟାଳୟର ଡାଟା ଏନଆଇସିରେ ଅପଲୋଡ୍ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ଆଗକୁ ସମସ୍ତ ବିଭାଗ ମୋ ସରକାର ପଦ୍ଧତିଭୁକ୍ତ ହେବାକୁ ଥିବା ସମ୍ଭାବନା ରହିଥିବା ହେତୁ ପ୍ରତ୍ୟେକ ବିଭାଗ ୫ଟିକୁ ଗୁରୁତ୍ୱର ସହ ସଞ୍ଚାଳନ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଜିଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ‘ନାଗରିକତ୍ୱ ସଂଶୋଧନ ଆଇନ ରାଷ୍ଟ୍ର ବିରୋଧୀ’

**ଭୋଗରାଇ, ୨୫ା୧(ଡି.ଏନ.ଏ.)**


ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟର ସେମିନାରରେ ଉପସ୍ଥିତ ଅତିଥି।

ଭାରତୀୟ ସମ୍ବିଧାନ ଧର୍ମନିରପେକ୍ଷତାକୁ ସମ୍ମାନ ଦେଇଛି। ବସୁଧୈବ କୁଟୁମ୍ବକମ୍ ନୀତିରେ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସବୁଧର୍ମକୁ ସମାନ ଅଧିକାର ଦିଆଯାଇଛି। ସମ୍ବିଧାନ ଏବଂ ସାମ୍ବିଧାନିକ ବ୍ୟବସ୍ଥାକୁ ଫାସିବାଦୀ ଚରିତ୍ରକୁ କୌଶଳଗତ ଭାବେ ପ୍ରୟୋଗ କରି ଆମ ଦେଶରେ ଶାନ୍ତି, ସଦ୍‌ଭାବନା ଓ ସଂସ୍କୃତିକୁ ନଷ୍ଟ କରିବା ପାଇଁ ନାଗରିକତ୍ୱ ସଂଶୋଧନ ଆଇନ୍ (ସିଏଏ) କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଥିବାରୁ ରାଷ୍ଟ୍ରଭକ୍ତମାନେ ଏହି ଆଇନ ବିରୋଧରେ ବୃହତ୍ତର ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଶୁକ୍ରବାର ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପରିସରରେ ଆୟୋଜିତ ନାଗରିକତ୍ୱ ସଂଶୋଧନ ଆଇନ ୨୦୧୯ ସେମିନାରରେ ବହୁ ବକ୍ତା ମତପ୍ରକାଶ କରିଛନ୍ତି।

ରାଜନୀତି ବିଜ୍ଞାନ ପକ୍ଷରୁ ଆୟୋଜିତ ସେମିନାରରେ ମହାବିଦ୍ୟାଳୟ ଅଧକ୍ଷ ସୁଶୀଲ କୁମାର ଗିରିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ତଥା ସାମାଜିକ କର୍ମୀ ମନୋଜ କୁମାର ନାୟକ ଭାରତ ଭଳି ଏକ ଜନମଙ୍ଗଳ ରାଷ୍ଟ୍ରରେ ନାଗରିକତ୍ୱ ସଂଶୋଧନ ଆଇନ ଏକ ଅଗଣତାନ୍ତ୍ରିକ, ସମ୍ବିଧାନ ଓ ସାମ୍ବିଧାନିକ ବିରୋଧୀ ବୋଲି କହିଥିଲେ। ଆସନ୍ତା ୧୨ ତାରିଖରେ ଏହି ଆଇନ ବିରୋଧରେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ସମସ୍ତ ବୁଦ୍ଧିଜୀବୀ, ଛାତ୍ର, ଯୁବକ ଗଣସଙ୍ଗଠନ ଓ ବୁଦ୍ଧିଜୀବୀଙ୍କୁ ନେଇ ଗଣଆଲୋଚନାଚକ୍ର ହେବ ବୋଲି ସେ କହିଥିଲେ। ଅପରପକ୍ଷରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନର ପ୍ରଫେସର ରାମକୃଷ୍ଣ ପ୍ରଧାନ ନାଗରିକତ୍ୱ ସଂଶୋଧନ ଆଇନ୍ (ସିଏଏ) ଭାରତର ଥିବା ସଂଖ୍ୟାଲଘୁ ପ୍ରତି କୌଣସି ଅନିଷ୍ଟ କରିବ ନାହିଁ। ଏହି ଆଇନ୍‌କୁ ନେଇ ବିରୋଧୀ ଦଳ ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରି ଦେଶରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ରାଜନୀତି ବିଜ୍ଞାନର ପ୍ରଫେସର କେଦାର ନାଥ ସିଂଦାସ, ପ୍ରଫେସର ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପିକା ସବିତା ଜେନା, ପ୍ରଫେସର ଶୈବଳ କାନ୍ତି ପ୍ରଧାନ, ପ୍ରଫେସର ତନ୍ମୟ କୁମାର ଦାସ, ପ୍ରଫେସର ଜଗଦିଶ ଚନ୍ଦ୍ର ଗିରି ନାଗରିକତ୍ୱ ସଂଶୋଧନ ଆଇନ୍ ସପକ୍ଷ ଓ ବିପକ୍ଷରେ ମତପ୍ରକାଶ କରିଥିଲେ। ରାଜନୀତି ବିଜ୍ଞାନର ବହୁ ଛାତ୍ରୀଛାତ୍ର ନାଗରିକତ୍ୱ ସଂଶୋଧନ ଆଇନ ବିପକ୍ଷରେ ମତ ରଖି ଥିବାବେଳେ ଅତିଥିମାନଙ୍କୁ ପ୍ରଶ୍ନ ପଚାରିଥିଲେ। ଛାତ୍ରୀ ପ୍ରୀତିରେଖା ଦାସ ଧନ୍ୟବାଦ ଦେଇଥିଲେ।

# ଭୋଟର ଦିବସରେ ସଚେତନତା ରାଲି

**ବାଲେଶ୍ୱର ଅଫିସ,୨୫ା୧**

ବାଲେଶ୍ୱର ସହରରେ ଶନିବାର ଜିଲାସ୍ତରୀୟ ୧୦ମ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରାଲି ସ୍ଥାନୀୟ ସିନେମା ଛକଠାରୁ ବାହାରି ସଦ୍‌ଭାବନା ସଭାଗୃହରେ ପହଞ୍ଚିଥିଲା। ଏହାକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ପରେ ସଦ୍‌ଭାବନା ସଭାଗୃହଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ନିର୍ବାଚନ ଅଧିକାରୀ ମନୋଜ ସେନାପତି ଯୋଗଦେଇ ଭୋଟର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସଭାରେ ନୂତନ ଭୋଟରମାନଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ ସହ ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ସଚେତନତା ପାଇଁ ଏକ ବାଲୁକା କଳାର ପ୍ରଦର୍ଶନ କରାଯାଇଥିଲା। ଯାହାକୁ ଛାତ୍ରୀଛାତ୍ରମାନେ ମନୋଭରି ଉପଭୋଗ କରିଥିଲେ।


ସଚେତନତା ରାଲିକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

# ୪ ହଜାର ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ


ଭୋଗରାଇ ଥାନାଛକ ହେଲିପ୍ୟାଡ଼ ପଡ଼ିଆରେ ଛାତ୍ରୀଛାତ୍ରମାନେ ପରେଡ୍ ଅଭ୍ୟାସ କରୁଛନ୍ତି।

**ଭୋଗରାଇ, ୨୫ା୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନା ଛକ ହେଲିପ୍ୟାଡ଼ ପଡ଼ିଆରେ ଜନରାଜ୍ୟ ଦିବସ ଉପଲକ୍ଷେ ଶୁକ୍ରବାର ୪ହଜାର ଛାତ୍ରୀଛାତ୍ର ପରେଡ଼ ଅଭ୍ୟାସ କରିଛନ୍ତି। ଜନରାଜ୍ୟ ଦିବସ ପ୍ରସ୍ତୁତି କମିଟି ଓ ମାଧମିକ ଶିକ୍ଷକ ସଂଘ ପକ୍ଷରୁ ମିଳିତ ଆୟୋଜନରେ ବେସରକାରୀ ଭାବେ ଭୋଗରାଇର ପ୍ରାଥମିକ ବିଦ୍ୟାଳୟସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏହି ପରେଡ଼ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ରବିବାର ଜାନୁୟାରୀ ୨୬ରେ ଜନରାଜ୍ୟ ଦିବସରେ ଥାନାଛକ ହେଲିପ୍ୟାଡ଼ ପଡ଼ିଆରେ ସମସ୍ତ ଛାତ୍ରୀଛାତ୍ର ପରେଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହିତ ମୁଖ୍ୟଅତିଥି ପରେଡ଼ରେ ଅଭିବାଦନ ଗ୍ରହଣ କରିବେ। ବ୍ୟାଣ୍ଡବାଜା ସହିତ ୭୧ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ କରାଯିବ। ପରେଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପରେଡ ଗ୍ରୁପ ସହିତ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ।

### ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ସରିଫୁନ ପ୍ରଥମ

**ବାଲେଶ୍ୱର ଅଫିସ, ୨୫ା୧**

ରାଜ୍ୟ ସରକାରଙ୍କ ଦ୍ୱାରା ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଡ଼କ ସୁରକ୍ଷା ବିଷୟକୁ ନେଇ ଭୁବନେଶ୍ୱର ପଟିଆସ୍ଥିତ ଡ୍ରାଇଭିଂ ଓ ଟେଷ୍ଟିଂ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର କୁମାରୀ ସରିଫୁନ କାଦ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ ସରିଫୁନ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ଭାଗ ନେଇଥିବାବେଳେ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି। ବିଶେଷ କରି ସରିଫୁନଙ୍କ ଚିତ୍ରରେ ମାଧୁର୍ଯ୍ୟତା ପାଇଁ ଅନେକ ପ୍ରତିଯୋଗିତାରେ ଦେଶ ଓ ବିଦେଶରୁ ପୁରସ୍କୃତ ହୋଇ ନିଜ ମହାବିଦ୍ୟାଳୟର ନାମକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ମହାବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୨୫ା୧(ଡି.ଏନ.ଏ.)**

ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୭୦ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସମାଜସେବୀ ସୁବାସିନୀ ଜେନା, ମୁଖ୍ୟଅତିଥି ଭାବେ ବିଡିଓ ନିତ୍ୟାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଶିଶୁ ଅନନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ଶ୍ରୀଜୟା ଦାସ, ସମ୍ମାନିତ ଅତିଥି ଭାବେ ବିଇଓ ବିଜୟ କୁମାର ନାଥ, ଓଷ୍ଟା ଜିଲା ସମ୍ପାଦକ ମନୋରଞ୍ଜନ ଦାସ, ନୋଡ଼ାଲ ଅଫିସର ମୂରଲୀମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଦ୍ୟାପତି ଦେ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସପନ କୁମାର ମିଶ୍ର ବେଦମନ୍ତ୍ର ପାଠ, ଶେଷରେ ଶିକ୍ଷକ ହରେକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ନାୟକ, ସୁନୀଲ କୁମାର ନାୟକ, ଗିରୀଶ ପାଣିଗ୍ରାହୀ ଓ ସ୍ୱର୍ଗତ ଶିକ୍ଷକ କାହ୍ନୁ ଚରଣ ଜେନାଙ୍କ ଧର୍ମପତ୍ନୀ ସଞ୍ଜୁବାଳା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କ୍ରୀଡ଼ା ଉତ୍ସବ ଉଦ୍‌ଯାପନ ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗଜେନ୍ଦ୍ର ନାଥ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁନୀଲ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କ୍ରୀଡା ଶିକ୍ଷକ ଶ୍ରୀକାନ୍ତ ଦାସ, ପୂର୍ବତନ ସଂସ୍କୃତ ଶିକ୍ଷକ ଗିରିଶ କୁମାର ପାଣିଗ୍ରାହୀ, ବିଜ୍ଞାନ ଶିକ୍ଷକ ବିଦ୍ୟାପତି ଦେ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ରାଧାଗୋବିନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଅଧକ୍ଷ ବିପିନ ବିହାରୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

## ବାଜପେୟୀ ସ୍ମୃତି କମିଟିର ବ୍ଲକସ୍ତରୀୟ କମିଟି ଗଠିତ

**ବାଲେଶ୍ୱର ଅଫିସ, ୨୫ା୧**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କାଠପାଳସ୍ଥିତ ବରିଷ୍ଠ ସମାଜସେବୀ ରବିନାରାୟଣ ବେହେରାଙ୍କ ବାସଭବନରେ ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସଭାପତି ସୁଧାଂଶୁ ଶେଖର ପଣ୍ଡା ଅଧ୍ୟକ୍ଷତା କରି ନୂତନ କମିଟି ଘୋଷଣା କରିବା ସହ ଆସନ୍ତା ୩୦ଦିନ ମଧ୍ୟରେ ପ୍ରତ୍ୟେକ ବ୍ଲକ ଓ ପୌରପାଳିକାରେ ୩୧ଜଣିଆ କମିଟି ଗଠନ କରାଯିବ। ତୃଣମୂଳସ୍ତରରେ ବାଜପେୟୀ କମିଟିକୁ ପହଞ୍ଚାଇ ଲୋକମାନଙ୍କ ସର୍ବନିମ୍ନ ସମସ୍ୟା ସହ ଜଡ଼ିତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା।

ବୈଠକରେ ସର୍ବସମ୍ମତିନିଷ୍ପତ୍ତି ଅନୁସାରେ କାର୍ଯ୍ୟକାରୀ ସଭାପତି ଭାବେ ପର୍ଶୁରାମ ବେହେରା, ଆବାହକ ବିପିନ ବିହାରୀ ଦାସ, ଉପସଭାପତି ଭାବରେ ସଞ୍ଜୟ କୁମାର ସାହୁ, ନନୀଗୋପାଳ ଦାସ, ରବିନାରାୟଣ ବେହେରା, ଗିରିଧାରୀ ଦାସ, ସାଧାରଣ ସମ୍ପାଦକ ଭାବେ ରବି ନାରାୟଣ ମହାପାତ୍ର, ସମ୍ପାଦକ ଭାବେ ସୀତାକାନ୍ତ ସ୍ୱାଇଁ, ପ୍ରଦୀପ କୁମାର ଜେନାଙ୍କୁ ମନୋନୀତ କରାଯାଇ ଥିବାବେଳେ ୨ଜଣ ଲେଖାଏଁ ଉପସଭାପତି ଓ ସମ୍ପାଦକ ପଦବୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ସେହିଭଳି କୋଷାଧ୍ୟକ୍ଷ ଭାବେ ମହେଶ କୁମାର ସିଂ, ଜିଲା ମିଡ଼ିଆ ସେଲ ମୁଖ୍ୟ ଭାବେ ସତ୍ୟନାରାୟଣ ଜେନାଙ୍କୁ ମନୋନୀତ କରାଯାଇଛି। ଜିଲାର ଆଇନ ସେଲରେ ଆଇନଜୀବୀ ବୈଲୋଚନ ଦାସ ଓ ଅରବିନ୍ଦ ବାରିକ ଥିବାବେଳେ କାର୍ଯ୍ୟକାରିଣୀ ବୈଠକକୁ ଲମ୍ବୋଧର ପ୍ରଧାନ, ସୁମନ୍ତ ଦତ୍ତ, ଗୌରଗୋପାଳ ସାହୁ, ତପନ ଗିରି, ଗଙ୍ଗାଧର ପାତ୍ର ପ୍ରମୁଖ ୧୬ ଜଣଙ୍କୁ ମନୋନୀତ କରାଯାଇଛି। ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରେ କମିଟି ତରଫରୁ ନାଗରିକ ସଂଶୋଧନ କମିଟି ସପକ୍ଷରେ ଏକ ବିରାଟ ରାଲି ସହରରେ କରାଯିବାର ନିଷ୍ପତ୍ତି ନିଆଯାଇଥିଲା।

# ସର୍ବତ୍ୟାଗୀ ଜନନାୟକ ଥିଲେ ସୁଭାଷ

**ରୂପସା, ୨୫ା୧(ଡି.ଏନ.ଏ.)**


ଅତିଥିଙ୍କ ଗହଣରେ ସ୍ୱାଗତ ସଙ୍ଗୀତ ଗାନ କରାଯାଉଛି।

ସୁଭାଷ ବୋଷ ଥିଲେ ସର୍ବତ୍ୟାଗୀ ଜନନାୟକ। ଭାରତ ତାଙ୍କର ଆତ୍ମା ଥିଲା। ସେ ଯୁବଶକ୍ତିଙ୍କ ପ୍ରେରଣାର ଉତ୍ସ। ରାଷ୍ଟ୍ର ପାଇଁ ତାଙ୍କ ମନରେ ସର୍ବଦା ବିପ୍ଳବର ସ୍ୱର ଝଙ୍କୃତ ହେଉଥିଲା ବୋଲି ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ ଓ ମୁଖ୍ୟବକ୍ତା ମାରିଦା ଶହୀଦ ମେମୋରିଆଲ କଲେଜର ବରିଷ୍ଠ ଅଧ୍ୟାପକ ଡ. ଦିଲୀପ କୁମାର ଭୋଇ ନେତାଜୀ କ୍ଲବ ବାର୍ଷିକ ଉତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ତାହାରପୁର ନେତାଜୀ କ୍ଲବ ଆନୁକୂଲ୍ୟରେ ୨୯ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କ୍ଲବର ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜିତ କୁମାର ଦାସ ଯୋଗଦେଇ ନେତାଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ଓ ସମ୍ପାଦକ ପ୍ରଦୀପ ପଣ୍ଡିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରତିଭାବାନ ବ୍ୟକ୍ତି କାର୍ତ୍ତିକେଶ୍ୱର ପଣ୍ଡା, ବିନୟ କୁମାର ବେହେରା, ଗୌରାଙ୍ଗ ବେହେରା, ସୁବଳ ଚନ୍ଦ୍ର ବଢ଼େଇ ଓ ଅନ୍ତର୍ଯ୍ୟାମୀ ରାଉତଙ୍କୁ ‘ନେତାଜୀ ଜ୍ୟୋତି ସମ୍ମାନ’ ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବଂଶୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାମାଜିକ ଯାତ୍ରା ମଞ୍ଚସ୍ଥ ହୋଇଥିଲା।

### ସରିଲା କୁପାରୀ ମକର ମହୋତ୍ସବ

**ଖଇରା, ୨୫ା୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀରେ ଶହ ଶହ ବର୍ଷ ଧରି ଚାଲିଆସୁଥିବା କୁପାରୀ ମକର ମେଳା ଚଳିତବର୍ଷ ୧୫ତାରିଖରୁ ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୧୫ତାରିଖ ମକର ସଂକ୍ରାନ୍ତିରେ ପଣ୍ଡିତ ସୁରେନ୍ଦ୍ର ପଣ୍ଡା କପିଳମୁନୀ ଓ ଗଙ୍ଗାମାତାଙ୍କର ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ଅନ୍ତିମ ଦିବସ ସନ୍ଧ୍ୟାରେ ଆୟୋଜିତ ସଭାରେ ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଜୟନ୍ତ କୁମାର ରାଉତ, ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ସୁନିତା ସାହୁ, ଭଗବାନ ସାହୁ, ଗଡପୋଖରୀ ସରପଞ୍ଚ ଗଜେନ୍ଦ୍ର ପରିଡା, ଗାନ୍ଧୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଭାଜପାର ବନ୍ଧୁମିଳନ


ବନ୍ଧୁମିଳନ ଉତ୍ସବ ଅବସରରେ ଭାଜପାର କର୍ମକର୍ତ୍ତା।

**ଜଳେଶ୍ୱର, ୨୫ା୧(ଡି.ଏନ.ଏ.)**

ଭାରତୀୟ ଜନତା ପାର୍ଟି ବାଲେଶ୍ୱର ଜିଲା ୮ନଂ. ଜୋନ୍ ସୁବର୍ଣ୍ଣରେଖା ମଣ୍ଡଳ ତରଫରୁ ଜଳେଶ୍ୱର ବ୍ଲକ ଗବରଘାଟା ଗ୍ରାମପଞ୍ଚାୟତଠାରେ ଏକ ବନ୍ଧୁମିଳନ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଣବ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନବନିର୍ବାଚିତ ଜିଲା ଭାଜପା ସଭାପତି ନିତ୍ୟାନନ୍ଦ ମହାପାତ୍ର ଯୋଗଦେଇଥିବା ବେଳେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସମୀର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାନ୍ତନୁ କୁମାର ପଟ୍ଟନାୟକ, ନଗର ମଣ୍ଡଳ ସଭାପତି ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ଭାଜପା ନେତା ଅରୁଣ ବେଜ, ତପନ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅନନ୍ତ ଦାସ, ସୁମତୀ ଦେ, ରତ୍ନମଞ୍ଜରୀ ଗିରି, ପିନାକୀ ଚାଟାର୍ଜୀ, ରବିନାରାୟଣ ସିଂହ, ରାମ ଗିରି, ଅଞ୍ଜନ କୁମାର ଦାସ, ପରେଶ ଚନ୍ଦ୍ର ଘୋଷ, ଅମୂଲ୍ୟ ସେନାପତି ପ୍ରମୁଖ ଯୋଗଦେଇ ଭାଜପା ଦଳକୁ ଶକ୍ତିଶାଳୀ କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଲୋକଙ୍କର ଦୃଢ଼ ଆସ୍ଥା ପ୍ରକଟ କରିବା ପାଇଁ ଜନସାଧାରଣଙ୍କୁ ବୁଝାଇବା ପାଇଁ କହିଥିଲେ। ସଭା ଆରମ୍ଭରେ ନବନିର୍ବାଚିତ ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସିଦ୍ଧାର୍ଥ ଶଙ୍କର ପାଳ ମଞ୍ଚ ପରିଚାଳନା କରିଥିବା ବେଳେ ବିଶ୍ୱରୂପ ଦାସ ଧନ୍ୟବାଦ ଦେଇଥିଲେ। ଏହି ବନ୍ଧୁମିଳନ ପର୍ବରେ ବହୁ ଭାଜପା ସଦସ୍ୟ ଯୋଗ ଦେଇଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱର ସାଇ ଇଲେଭେନ ବିଜୟୀ

**ଖଇରା, ୨୫ା୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ପଞ୍ଚାୟତ ଅଧୀନ ଐତିହାସିକ ପତିରାଜପୁର ମେଳା ପଡିଆରେ ଶୁକ୍ରବାର ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଚଣ୍ଡିମାତା ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଖେଳକୁ ବିଦ୍ୟୁତ ବଣ୍ଟନକାରୀ କମ୍ପାନୀ ଆକାଂକ୍ଷାର ପରିଚାଳନା ନିର୍ଦ୍ଦେଶକ ବିପିନ ବିହାରି ଦାସମହାପାତ୍ର ଓ ନିର୍ଦ୍ଦେଶିକା ଚୈତାଳୀ ଦାସମହାପାତ୍ର ଉଦ୍‌ଘାଟନ କରିଥିଲେ । ସରପଞ୍ଚ ପୁଷ୍ପଲତା ଘଡେଇ ଓ ଅବସରପ୍ରାପ୍ତ ଶିକ୍ଷକ ଭୀଷ୍ମଚରଣ ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବାଲେଶ୍ୱର ଅଲରାଉଣ୍ଡର ଓ ଭୁବନେଶ୍ୱର ସାଇ ଇଲେଭେନ ମଧ୍ୟରେ ଅନୁଷ୍ଠିତ ମୁକାବିଲା ବାଲେଶ୍ୱର ପ୍ରଥମେ ବ୍ୟାଟିଂ ୨୦ଓଭରରେ ୬ ଉଇକେଟ ହରାଇ ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ୧୩.୨ ଓଭରରେ ମାତ୍ର ୪ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା । ପ୍ରଦୀପ ଘଡେଇ ଓ ସୁବାଷ ସାହୁ ମ୍ୟାଚ ପରିଚାଳନା କରିଥିଲେ । କୈଳାସ ମାଝୀ ଓ ଶିବଶଙ୍କର ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଚଣ୍ଡିମାତା କ୍ଲବର ସଭାପତି ସନ୍ତୋଷ ବେହେରା, ସମ୍ପାଦକ ଅକ୍ଷୟ ହାତୀ, ଉପଦେଷ୍ଟା ଉଦ୍ଧବ ଘଡେଇ, ଅସିତ ନାୟକ, ରାଜୀବ ସାମଲ, କାଳିଆ ଦାସ, ପପୁ ଦାସ, ଶୁଭକାନ୍ତ ନାୟକ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

## ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ


ପଡ଼ିଆରେ ଅତିଥିଙ୍କ ସହ ଉଭୟ ପକ୍ଷର ଖେଳାଳି।

## ସଂକ୍ଷେପରେ

### ଖଇରା ପ୍ରାଥମିକ ସଂଘ ନିର୍ବାଚନ
## କୈଳାସ ସଭାପତି, ଚିତ୍ତରଞ୍ଜନ ସମ୍ପାଦକ

**ଖଇରା, ୨୫।୧(ଡି.ଏନ.ଏ.)-** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ପ୍ରାଥମିକ ଶିକ୍ଷକ ସଂଘ ଭବନ ପରିସରରେ ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କମଳଲୋଚନ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରଥମେ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କୈଳାସ ଚନ୍ଦ୍ର ବେହେରାଙ୍କୁ ସଭାପତି, ଚିତ୍ତରଞ୍ଜନ ମହାପାତ୍ରଙ୍କୁ ସମ୍ପାଦକ, ସନ୍ତୋଷ ଦକ୍ଷିଣରାୟଙ୍କୁ ସଙ୍ଗଠନ ସମ୍ପାଦକ, ବଳରାମ ଜେନା ଓ ଜୟନ୍ତୀ ମହାପାତ୍ରଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ଏହାଛଡା ନିରାକାର ଶତପଥୀ, ବଳରାମ ପଣ୍ଡା, ରଥଚନ୍ଦ୍ର ସୂତାର, କବିତା ସାମଲ, ଦୀନବନ୍ଧୁ ବିଶ୍ୱାଳଙ୍କୁ ସହ ସମ୍ପାଦକ, ଶଶିକାନ୍ତ ରାଉତଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରମାକାନ୍ତ ମହାନ୍ତି, ଅରୁଣ କୁମାର ପାତ୍ର ନିର୍ବାଚନ ପରିଚାଳନା କରିଥିଲେ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୫।୧:** ଏକ ଘରୋଇ କଳିରୁ ବିଷ ପିଇ ଗୁରୁତର ଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତା ହେଲେ ହେମାମାଳିନୀ ପ୍ରଧାନ (୨୩)। ତାଙ୍କ ଘର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସାରିଙ୍ଗିଇର୍ପି। ମେଡିକାଲ ଫାଣ୍ଡି ପୋଲିସ ଶନିବାର ମହିଳାଙ୍କ ମୃତଦେହ ଜବତ କରି ନଂ.୪୪/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ଗତ ୨୨ ତାରିଖ ଅପରାହ୍ନରେ ଡିବୁ ପ୍ରଧାନ ଓ ତାଙ୍କ ସ୍ତ୍ରୀ ହେମାମାଳିନୀଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ରକରି ଝଗଡା ହୋଇଥିଲା। ପରେ ଡିବୁଙ୍କ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ସେଠାରୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା।

# ‘ଦି ଏଲିଗେନ୍ସ-୨୦୨୦’ରେ ୨ଶହ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୨୫।୧**



ଉଦ୍‌ଯାପନୀ ସନ୍ଧ୍ୟାରେ ଛାତ୍ରୀଛାତ୍ର ଓ ଉପସ୍ଥିତ ଅତିଥି।

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ‘ଦି ଏଲିଗେନ୍ସ-୨୦୨୦’ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ବିଭିନ୍ନ ବର୍ଗର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଶେଷ କରି ଏବେ ଯୁବକମାନଙ୍କ ଭିତରେ ଆଦୃତ ପବ୍‌ଜି ଗେମ୍‌ରେ ବହୁ ସଂଖ୍ୟାରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ‘ଦି ଏଲିଗେନ୍ସ’ ପକ୍ଷରୁ ଶ୍ରେଷ୍ଠ ସମ୍ମାନିତ ପ୍ରତିଭା ଭାବେ ‘ଦି ଏଲିଗେନ୍ସ-୨୦୨୦’ ପ୍ରତିଭା ସମ୍ମାନ ସହଦେବଖୁଣ୍ଟା ମଡେଲ ଥାନା ଅଧିକାରୀ ପରେଶ କୁମାର ରାଉତଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶିମନ ଦାସମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମାଜିକକର୍ମୀ ମୁଖ୍ୟ ସୁବାସିନୀ ଜେନା ଯୋଗଦେଇ ଯୁବକମାନଙ୍କର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଦିଲୀପ ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ସମୀର କୁମାର ଆଢ୍ୟା ବିବରଣୀ ପାଠ କରିଥିଲେ। ଉପସଭାପତି ରଜତ କୁମାର ଦାସ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଜେନା, ବିବେକ ପ୍ରିୟଦର୍ଶୀ, କୋଷାଧ୍ୟକ୍ଷ ପ୍ରିଜତ କୁମାର ଦେ, ସୌମ୍ୟରଞ୍ଜନ ମାଝି, ପ୍ରକାଶ ପାଢ଼ୀ, ଅନୁରାଗ ବାସୁ, ବାହ୍ନିମନ ରଥ, ପ୍ରିୟମ୍ବଦା ବାରିକ, ମୋନାଲିସା ପାଢ଼ୀ, ସ୍ୱାଧୀନ ସ୍ୱରୂପ ଦାସ, ଶିଖର ରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ‘ମହିଳା ଅବଳା ନୁହନ୍ତି’

**ସୋର, ୨୫।୧(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ କୁଡେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ମହିଳାମାନେ କୌଣସି କ୍ଷେତ୍ରରେ ନିଜକୁ ଅବଳା ଭାବିବା ଉଚିତ୍ ନୁହେଁ। ମନରେ ଦୃଢ଼ ବିଶ୍ୱାସ ଏବଂ ଅଧ୍ୟବସାୟ ଜାରି ରହିଲେ ପୁରୁଷଙ୍କଠାରୁ ଉପରକୁ ଉଠିପାରିବେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ବହୁତ ପାଠ୍ୟପୁସ୍ତକରୁ କେବଳ ଜ୍ଞାନ ଅର୍ଜନ କରିଥିଲେ ମଧ୍ୟ ଉତ୍ତମ ଚରିତ୍ରବାନ ମଣିଷ ହୋଇ ନ ପାରିଲେ ଜ୍ଞାନର ସାର୍ଥକତା ହୋଇପାରି ନ ଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ ଯୋଗଦେଇଥିଲେ। ଏହି ଉତ୍ସବରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏବଂ ବର୍ଷୀୟାନ ସମାଜସେବୀ ଗୋଲୋକ ନାଥ ଦାଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କଲେଜ ଅଧ୍ୟକ୍ଷ କରୁଣାକର ସାହୁ ସଭାପତିତ୍ୱ କରିଥିବା ବେଳେ ସଞ୍ଜୟ କୁମାର ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳି ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ମୁଖପତ୍ର ‘ଅନନ୍ୟା’ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ସୁଧାଂଶୁ ଶେଖର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ। ଏଥିରେ ନିଗମାନନ୍ଦ ବେହେରା, ପ୍ରିୟବ୍ରତ ମହାପାତ୍ର,ମଧୁମିତା ପଣ୍ଡା, ମଧୁସ୍ମାତା ମହାନ୍ତି, ଅନ୍ନପୂର୍ଣ୍ଣା ମିଶ୍ର, ମାନସ ରଞ୍ଜନ ବେହେରା ଏବଂ ଇତିଶ୍ରୀ ବେହେରା ପରିଚାଳନା କରିଥିଲେ। ଅଧ୍ୟାପକ, ଅଧ୍ୟାପକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପ୍ରସ୍ତୁତି ଆରମ୍ଭ

**ଖଇରା, ୨୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବରିଷ୍ଠ ନାଗରିକଙ୍କ ସାମାଜିକ, ଆର୍ଥିକ ନିରାପତ୍ତା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକ ମଞ୍ଚ ଗଠନ ଲାଗି ଉଦ୍ୟମ ଆରମ୍ଭ ହୋଇଛି । ଏହି ଅବସରରେ ଖଇରା ଶହୀଦ ଭବନ ପରିସରରେ ଆୟୋଜିତ ବୈଠକରେ ଶରତ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ରାଜ୍ୟ ଉପସଭାପତି ଲକ୍ଷ୍ମୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ଯୌଥ ପରିବାର ଦେଖିବାକୁ ମିଳୁନି । ଓଡିଶାରେ ୬୮ଭାଗ ଲୋକ ଛୋଟ ପରିବାର ସୁଖୀ ପରିବାରକୁ ଆଦର୍ଶ କରି ଚଳୁଛନ୍ତି । ବ୍ୟକ୍ତିଟିଏ ତା’ର ପୁଅକୁ ମଣିଷ କରିବାକୁ ଅଣନିଃଶ୍ୱାସୀ ହୋଇ ଦୌଡୁଥିବା ବେଳେ ବୁଢା ମା’ବାପାଙ୍କୁ ଭୁଲିଯାଉଛି । ଏଣୁ ସଚେତନତା,ବରିଷ୍ଠ ନାଗରିକ ଆଇନ ସହାୟତା ପାଇଁ ମଞ୍ଚର ଯଥେଷ୍ଟ ଭୂମିକା ରହିଛି ବୋଲି କୁହାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଅବହେଳା ପାଇଁ ପରିବାରରେ ଉଭୟ ବୟସ୍କ ଓ ଯୁବପିଢିଙ୍କର ସମାନ ତ୍ରୁଟି ରହୁଛି । କେବଳ ମାନସିକତାରେ ପରିବର୍ତ୍ତନ ଦରକାର ବୋଲି କହିଥିଲେ। ବରିଷ୍ଠ ଖବରଦାତା ବଳରାମ ପଣ୍ଡା ଓ ଅନାମ ଚରଣ ପଣ୍ଡା ବରିଷ୍ଠମାନଙ୍କୁ ସବୁସ୍ତରରେ ସମ୍ମାନ ଦେବା ଦରକାର ବୋଲି କହିଥିଲେ । ଯୁବ ଖବରଦାତା କୈଳାସ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା, କିଶୋର ବେହେରା ଓ ଧନଞ୍ଜୟ ପଣ୍ଡା, ବରିଷ୍ଠ ନାଗରିକ କରୁଣାକର ମହାପାତ୍ର, ଜଗଦାନନ୍ଦ ମହାପାତ୍ର, ଗୋବିନ୍ଦ ବଲ୍ଲଭ ଜେନା, ଚିନ୍ତାମଣି ପାତ୍ର, ଦେବେନ୍ଦ୍ର ରାଉତ ଓ ନିରଞ୍ଜନ ଶତପଥୀ ପ୍ରମୁଖ ମଞ୍ଚ ଆରମ୍ଭ ଉପରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ।

## ତାଲୁକ୍‌ସ୍ତରୀୟ ଆଇନ ସେବା ସମିତିର ସଚେତନତା କାର୍ଯ୍ୟକ୍ରମ

**ସୋର, ୨୫।୧(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ବଡଖୁରୀ ଗ୍ରାମସ୍ଥିତ ପଞ୍ଚାନନ ଉଚ୍ଚ ବିଦ୍ୟାଳୟ ପରିସରରେ ତାଲୁକ୍‌ସ୍ତରୀୟ ଆଇନ ସେବା ସମିତିର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମିତିର ଚେୟାରମ୍ୟାନ୍ ତଥା ସବ୍‌ଜଜ୍ ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ସଦସ୍ୟ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଘଡାଇ, ସୁକାନ୍ତ ମିଶ୍ର, ଧୀରେନ୍ଦ୍ର କୁମାର ଦାସ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇ ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଆଇନଜୀବୀ କାହ୍ନୁ ଚରଣ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସାଧନାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ଯଦୁନାଥ ଶିଶୁପ୍ରତିଭା ଅନ୍ୱେଷଣ

**ଖଇରା,୨୫।୧(ଡି.ଏନ.ଏ.)**



ଜଣେ ପ୍ରତିଯୋଗୀ ନୃତ୍ୟ ପରିବେଷଣ କରିଛନ୍ତି ।

ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ଖଇରା ଶାଖା ଆନୁକୂଲ୍ୟରେ ଖଇରା ବ୍ଲକସ୍ତରୀୟ ଯଦୁନାଥ ଶିଶୁ ପ୍ରତିଭା ଅନ୍ୱେଷଣ-୨୦୨୦ ଗୁରୁବାର ପଳସା ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଦାମୋଦର ସେଣ୍ଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଆରସିସି ସୁଦର୍ଶନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଗୀତ, ଗଳ୍ପଲିଖନ, ବକ୍ତୃତା ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି, ସଂଘର ରାଜ୍ୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ଉପଦେଷ୍ଟା ଜନାର୍ଦ୍ଦନ ଦାସ, ଏବିଇଓ ଗୋଲକ ବିହାରୀ ପାଢୀ ଓ ଶ୍ରୀଧର ବେହେରା, କାର୍ଯ୍ୟକାରୀ ସଭାପତି ବିକ୍ରମ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ସଭାପତି ନିତ୍ୟାନନ୍ଦ ସାହୁ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ମାନସ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଷ୍ଣୁପ୍ରସାଦ ବହଳୀଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ ସହ ୭ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦର୍ପଣ ସମ୍ପାଦକ ତପନ କୁମାର ତ୍ରିପାଠୀ, କୈଳାସ ସେଣ୍ଠ, ଗୟାଧର ଖଟୁଆ, ପରେଶ ଦକ୍ଷିଣରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପାଳଗାଁରେ ବୁଦ୍ଧିଜୀବୀ ସମ୍ମିଳନୀ

**ବାଲେଶ୍ୱର ଅଫିସ, ୨୫।୧**

**ବିଶ୍ୱ** ସମ୍ବାଦ କେନ୍ଦ୍ର ବାଲେଶ୍ୱର ତରଫରୁ ସ୍ଥାନୀୟ ଗୋପାଳଗାଁସ୍ଥିତ ‘ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ରାଷ୍ଟ୍ରୀୟ ନାଗରିକତା ସଂଶୋଧନ ଆଇନ ଏବଂ ଜାତୀୟ ନାଗରିକତା ପଞ୍ଜିକା ସପକ୍ଷରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଅନୁପ୍ରବେଶ ତଥା ଏହାସହ ଜଡ଼ିତ ଆତଙ୍କବାଦ ଆଜି ବିଶ୍ୱ ବିଦିତ। ଅନୁପ୍ରବେଶକାରୀ କେବଳ ରୋଜଗାର ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ପର ରାଷ୍ଟ୍ରରେ ପ୍ରବେଶ କରିଥାଏ। ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଅସଙ୍ଗଠିତ କ୍ଷେତ୍ରରେ ୨୫ନିୟୁତ କର୍ମଦିବସ ବର୍ତ୍ତମାନ ସୁଦ୍ଧା ଶୋଷଣ କରିସାରିଛନ୍ତି। ଭାରତ ବ୍ୟତୀତ ଅନ୍ୟ କୌଣସି ବିକଶିତ ଦେଶକୁ ଅନୁପ୍ରବେଶକାରୀଙ୍କର ଅନୁପ୍ରବେଶ କରିବା ଅସମ୍ଭବ ଅଟେ। ଆମେରିକା ଭଳି ରାଷ୍ଟ୍ରରେ ୬୦ଦଶକରୁ ନାଗରିକତା ସଂଶୋଧନ ଆଇନ ବଳବତ୍ତର ଅଛି। ପୋଲାଣ୍ଡ, ନେଦରଲାଣ୍ଡ, ଫ୍ରାନ୍ସ ଭଳି ୟୁରୋପୀୟ ରାଷ୍ଟ୍ରମାନଙ୍କରେ ମଧ୍ୟ ଅନୁପ୍ରବେଶ ଏକ ସାଙ୍ଘାତିକ ଅପରାଧ ଅଟେ। ଏହାସହିତ ମୁସଲିମ ମୌଳବାଦୀ ରାଷ୍ଟ୍ରମାନଙ୍କରେ ଅନ୍ୟ ସମସ୍ତ ଅଣମୁସଲିମ ନାଗରିକ ନିର୍ଯାତିତ। ଏହି ପରିପ୍ରେକ୍ଷୀରେ ଭାରତର ନୈତିକ ଦାୟିତ୍ୱ ହେଲା ହିନ୍ଦୁ ତଥା ସମସ୍ତ ନାଗରିକଙ୍କର ସ୍ୱାର୍ଥରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା। ଏହି ଧାରାରେ ପ୍ରଣୀତ କେନ୍ଦ୍ର ସରକାରଙ୍କ ଆଇନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ସମ୍ମିଳନୀର ମୁଖ୍ୟବକ୍ତା, ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକ ତଥା ରାଷ୍ଟ୍ରୀୟ ଚେତନା ଉଦ୍ରେକକାରୀ ସାହିତ୍ୟିକ ଡା. ରମାକାନ୍ତ ବେହେରା ଯୁଗେ ଯୁଗେ ଭାରତ ଉପରେ ବୈଦେଶିକ ଆକ୍ରମଣକାରୀ ମୁଖ୍ୟତଃ ମୁସଲମାନମାଙ୍କର ଲୋଲୁପ ଦୃଷ୍ଟି ଉପରେ ଗଭୀର ଆଲୋକପାତ କରିଥିଲେ।

# ମା’ ଅମ୍ବିକା ସାହିତ୍ୟ ସଂସଦର ସାମ୍ବତ୍ସରିକ ସମାରୋହ

**ଖଇରା, ୨୫।୧(ଡି.ଏନ.ଏ.)**

ଖଇରା ବ୍ଲକ କୁପାରୀ ମା’ ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦର ୨୭ତମ ସାମ୍ବତ୍ସରିକ ସାରସ୍ୱତ ସମାରୋହ କୁପାରୀସ୍ଥିତ ମା’ ଅମ୍ବିକା ମନ୍ଦିର ପରିସରରେ ରବିବାର ପାଳିତ ହୋଇଯାଇଛି। ମା’ ଅମ୍ବିକା ଆଶ୍ରମର ସଞ୍ଚାଳକ ବାବା ଶୁଭେନ୍ଦୁ ମୁନି ଉଦାସୀନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶରତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ମୁଖ୍ୟବକ୍ତା ଭାବେ ଡ.ଶରତ ଚନ୍ଦ୍ର ମହାନ୍ତି, ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ସମ୍ମାନନୀୟ ଅତିଥି ଭାବେ ଦାଶରଥି ଜେନା ଓ ସନ୍ନ୍ୟାସୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନାଦି ଚରଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରଭାତ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଭାଗବତ ପ୍ରସାଦ ଦାସ ଯୋଗଦେଇଥିଲେ। ଭରତଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନ୍ତିମ ସଭାରେ ମୁଖ୍ୟଅତିଥି ଭାବେ ମହେନ୍ଦ୍ର ପ୍ରସାଦ ବାରିକ ଓ ମୁଖ୍ୟବକ୍ତା ଭାବେ ଅମୂଲ୍ୟ ଜେନା ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଂଯୋଜକ ଭାବେ ଇନ୍ଦ୍ରମଣି ବିନ୍ଧାଣୀ ଯୋଗଦେଇଥିଲେ। ହରେକୃଷ୍ଣ ପଣ୍ଡା, ପୀତାମ୍ବର ନାଇକ, ଅନନ୍ତ କିଶୋର ଉପାଧ୍ୟାୟ ମଞ୍ଚ ଆହ୍ୱାନ, ଧନ୍ୟବାଦ ଅର୍ପଣ ଏବଂ ଅନୁଷ୍ଠାନ ସମ୍ପାଦକ ଡା. ଉମେଶଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଦୁର୍ଗାମାଧବ ଜେନା, ପ୍ରତାପ ଚନ୍ଦ୍ର ଦକ୍ଷିଣରାୟ ଓ ସନ୍ଧ୍ୟାରାଣୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନ ତରଫରୁ ଚଳିତବର୍ଷ ଅମ୍ବିକା ସମ୍ମାନ ଚନ୍ଦ୍ରମୋହନ ମହାପାତ୍ର, ଶିଶୁକିଶୋର ସାହିତ୍ୟ ସମ୍ମାନ ଚୈତନ୍ୟ ପ୍ରସାଦ ବାରିକ, ଆଦର୍ଶ ଶିକ୍ଷକ ସମ୍ମାନ ଅନନ୍ତ କିଶୋର ଉପାଧ୍ୟାୟ, ବସନ୍ତ କୁମାର ଦାସ, ଆଦର୍ଶ କୃଷକ ସୁଲୋଚନା ରାଉତ, ଉତ୍ତମ ଉଦ୍‌ଯୋଗୀ ଭାବେ ବାବାଜି ଦାସଙ୍କୁ ପ୍ରଦାନ ସହ ଅନ୍ୟାନ୍ୟ ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଳାତ୍କାରୀଙ୍କ ଜାମିନ ଖାରଜ

**ବ୍ରହ୍ମପୁର ଅଫିସ,୨୫।୧**

ଜଣେ ଯୁବତୀଙ୍କୁ ବଳାତ୍କାର କରି ଘଟଣା ପରଠାରୁ ବିଚାର ବିଭାଗୀୟ ହାଜତରେ ଥିବା ଟିଙ୍କି ସାହୁ ଜାମିନ ପାଇଁ ଆବେଦନ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ଶନିବାର ଏହାର ଶୁଣାଣି କରିଥିଲେ। ଏହା ଏକ ସଙ୍ଗିନ ମାମଲା ହୋଇଥିବାରୁ ଅଭିଯୁକ୍ତ ଟିଙ୍କିଙ୍କୁ ଜାମିନ ନ ଦେବାକୁ ସ୍ୱତନ୍ତ୍ର ପିପି ଜ୍ଞାନ ରଞ୍ଜନ ତ୍ରିପାଠୀ ଦୃଢ଼ ବିରୋଧ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଆତ୍ମସୁରକ୍ଷା ତାଲିମ ନେଇଥିବା ଶିବିରାର୍ଥୀ ।

**ବ୍ରହ୍ମପୁର ଅଫିସ,୨୫।୧**

ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀ ସଶକ୍ତୀକରଣ ଓ ନାରୀଙ୍କୁ ସଶକ୍ତ କରାଯିବାର ଆବଶ୍ୟକତା ତଥା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ନିଜକୁ ଦୁର୍ବଳ ମନେ ନ କରି ରାଣୀ ଲକ୍ଷ୍ମୀବାଈ ଭଳି ସାହସୀ ଓ ସଶକ୍ତ ଭାବେ ଗଢିତୋଳିବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ରାଧାକାନ୍ତ ନାୟକ ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳର ନିୟମିତ ଅଭ୍ୟାସ ସହ ନିଜର ମନୋବଳକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅମୃତ କୁମାର ସେଠୀ, ତେଲୁଗୁ ଭାଷା ସାହିତ୍ୟ ବିଭାଗ ପ୍ରଫେସର ଡ. କେ.ଏନ୍. ରାଓ ମଞ୍ଚାସୀନ ଥିଲେ । ଆତ୍ମସୁରକ୍ଷା ତାଲିମ ଶିବିର ଇନ୍‌ଚାର୍ଜ ହୁପନ୍ ବି.ଟି. ଡୁଡୁ ଓ ସହକାରୀ ଇନ୍‌ଚାର୍ଜ ଶାନ୍ତନୁ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ସନ୍ଧ୍ୟାରାଣୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ୨୦୧୯-୨୦ ଶିକ୍ଷାବର୍ଷରେ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ଆତ୍ମସୁରକ୍ଷା ତାଲିମ ଶିବିରରେ ତାଲିମ ନେଇଥିବା ୧୩୦ ଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଆତ୍ମସୁରକ୍ଷା କୌଶଳ ପୁସ୍ତିକା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଲାଞ୍ଚୁଆ ଫରେଷ୍ଟରଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୨୫।୧**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଶନିବାର ଏକ ଲାଞ୍ଚ ଗ୍ରହଣ ମାମଲାର ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରିଥିଲେ। ଲାଞ୍ଚୁଆ ଫରେଷ୍ଟର ଦିବାକର ଲେଙ୍କାଙ୍କୁ ସେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ, ଆବେଦନକାରୀଙ୍କ ଗଛକଟା ମେଶିନ ଫେରାଇବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ନ କରିବା ପାଇଁ ଗତ ୧୪ ତାରିଖରେ ଗଜପତି ଜିଲା ରାମଗିରି ଫରେଷ୍ଟର ଦିବାକର ୫ ହଜାର ଟଙ୍କା ଆବେଦନକାରୀ ମଙ୍ଗରାଜପୁରର କୃଷ୍ଣ ଚନ୍ଦ୍ର କାର୍ଜିଙ୍କଠାରୁ ନେଉଥିଲେ। ସେଠାରେ ଛକି ରହିଥିବା ଭିଜିଲାନ୍ସ ହାବୁଡ଼ରେ ଫରେଷ୍ଟର ଧରା ପଡିଥିଲେ। ମାମଲା ନଂ. ୨/୨୦ ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ଘଟଣା ଦିନଠାରୁ ମଣ୍ଡଳ କାରାଗାରରେ ଥିଲେ। ମାମଲାର ତଦନ୍ତକାରୀ ଅଧିକାରୀ କୋର୍ଟରେ ଅପ ଟୁ ଡେଟ ସିଡୀ ଦାଖଲ କରିଥିଲେ। ମୁଦାଲାଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ପାଇଁ କୋର୍ଟରେ ଆବେଦନ କରିଥିଲେ।

# ଗଣତନ୍ତ୍ରରେ ଭୋଟର ସବୁଠାରୁ ଶକ୍ତିଶାଳୀ

**ବ୍ରହ୍ମପୁର ଅଫିସ, ୨୫।୧**



ଭୋଟର ଦିବସରେ ଶପଥ ପାଠ କରାଯାଉଛି ।

ଉପଖଣ୍ଡ ଜିଲା ପ୍ରଶାସନ ପକ୍ଷରୁ ୧୦ମ ଜାତୀୟ ଭୋଟର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଟାଉନହଲରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ିଆରଡିଏ ପିଡ଼ି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣତନ୍ତ୍ର ଶାସନରେ ନିର୍ବାଚନରେ ଭୋଟରଙ୍କ ମତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଗଣତନ୍ତ୍ର ଶାସନରେ ଭୋଟର ସବୁଠାରୁ ଶକ୍ତିଶାଳୀ। ଅନେକ ସମୟରେ ତଥ୍ୟଗତ ତ୍ରୁଟିରୁ ନିର୍ବାଚନ ସମୟରେ ମତଦାନ ଅଧିକାରରୁ ଭୋଟରମାନେ ବଞ୍ଚିତ ରହୁଛନ୍ତି। ଏଥିପ୍ରତି ନିର୍ବାଚନ ତଥା ଭୋଟ ପରିଚୟପତ୍ର ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଧ୍ୟାନ ଦେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ବକ୍ତା ଭାବେ ଯୋଗଦେଇ ଭୋଟରଙ୍କ ଅଧିକାର ଓ ଦାୟିତ୍ୱ ଉପରେ ସଚେତନ କରାଇଥିଲେ। ସହକାରୀ ଜିଲାପାଳ ଡି.ମାଲେଶ୍ୱର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୫ ଜଣ ଶ୍ରେଷ୍ଠ ବୁଥ ଲେଭଲ ଅଫିସର (ବିଏଲଓ) ଓ ୫ ଶ୍ରେଷ୍ଠ ବୁଥ ଲେଭଲ ସୁପରଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ସହକାରୀ ଜିଲାପାଳ ବିନୋଦ ବେହେରାଙ୍କ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ବୁଥ୍ ଲେଭଲ ଅଫିସର, ବୁଥ ଲେଭଲ ସୁପରଭାଇଜର, ସିଡିପିଓ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ବ୍ରହ୍ମପୁର ଷ୍ଟାଡିୟମ କ୍ରୀଡ଼ାବାସର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**୧୦ମ ଜାତୀୟ ଭୋଟର ଦିବସ ପାଳିତ**

